# ଗଣିତ (୨୧୧)

## MATHEMATICS (211)

## ଶିକ୍ଷକ ଅଙ୍କିତ ମୂଲ୍ୟାଙ୍କନ ପତ୍ର (୨୦୧୯-୨୦)

## TUTOR MARKED ASSIGNMENT (TMA), 2019-20

**ସର୍ବାଧିକ ନମ୍ବର - ୨୦**

Max. Marks : 20


୧. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଦିଅ । (୨)

(କ) ଦୁଇଟି ସଂଖ୍ୟାର ଯୋଗଫଳ ୫୧ ଅଟେ । ଯଦି ଗୋଟିଏ ସଂଖ୍ୟା ଅନ୍ୟ ସଂଖ୍ୟାଠାରୁ ୧୧ ଅଧିକ ହେଲେ ସଂଖ୍ୟା ଦ୍ୱୟର ଗୁଣଫଳ ନିର୍ଣ୍ଣୟ କର । (ପାଠ- ୫ ଦେଖ)


(ଖ) ଏକ ସମାନ୍ତର ଅନୁକ୍ରମର ତିନୋଟି କ୍ରମିକ ପଦର ଯୋଗଫଳ ୪୨ ଓ ସେମାନଙ୍କର ଗୁଣଫଳ ୨୫୨୦ ହେଲେ ଅନୁକ୍ରମର ପଦ ଗୁଡିକ ନିର୍ଣ୍ଣୟ କର । (ପାଠ- ୭ ଦେଖ)

୨. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଦିଅ । (୨)

(କ) ଦତ୍ତ ବୃତ୍ତରେ ବ୍ୟାସାର୍ଦ୍ଧ ୫ ସେ.ମି. ଅଟେ । ଜ୍ୟା $\overline{AB}$ ଓ $\overline{CD}$ ସମାନ୍ତର ଏବଂ ଜ୍ୟା ଦ୍ୱୟ ମଧ୍ୟରେ ଦୂରତା ୭ ସେ.ମି. ଓ - $\overline{CD}$ = ୬ ସେ.ମି. ହେଲେ AB ନିର୍ଣ୍ଣୟ କର । (ପାଠ-୧୫ ଦେଖ)





(ଖ) ଦତ୍ତ ଚିତ୍ରରେ BC = ୪ ସେ.ମି., CD = ୩ ସେ.ମି., CE = ୨ ସେ.ମି. ଓ AC = ୬ ସେ.ମି. ଯଦି AB = ୩.୨ ସେ.ମି., DE ନିର୍ଣ୍ଣୟ କର । (ପାଠ-୧୪ ଦେଖ)



୩. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଦିଅ । (୨)

(କ) Cotθ = 7/24 ହେଲେ Sinθ . Secθ / 1+ Cosecθ . tanθ ର ମୂଲ୍ୟ ନିର୍ଣ୍ଣୟ କର । (ପାଠ-୨୨ ଦେଖ)

(ଖ) ଦତ୍ତ ଚିତ୍ରରେ <BPC ର ପରିମାଣ ନିର୍ଣ୍ଣୟ କର । (ପାଠ-୧୬ ଦେଖ)




୪. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଦିଅ । (୪)

(କ) ରାଜେଶ ଏକ ହୋଲସେଲ୍ ଦୋକାନୀଠାରୁ ଲିଖିତ ମୂଲ୍ୟ ଟ. ୨୫୦୦ ଥିବା ଏକ ଇଲେକ୍ଟ୍ରୋନିକ ସାମଗ୍ରୀ କିଣିଲା । ଦୋକାନୀ ୨୦% ରିହାତି ଦେଲା । ରାଜେଶ ସେହି ସାମଗ୍ରୀଟିକୁ ଟ. ୨୩୦୦ ରେ ବିକ୍ରି କରିଲେ, କେତେ ଲାଭ ବା କ୍ଷତି ହେବ ନିର୍ଣ୍ଣୟ କର । (ପାଠ- ୮ ଦେଖ)

(ଖ) ଏକ ନିଦା ଧାତବ ସିଲିଣ୍ଡରର ବ୍ୟାସ ୬ ସେ.ମି. ଅଟେ । ଏହାକୁ ତରଳାଯାଇ ସମ ବ୍ୟାସାର୍ଦ୍ଧ ବିଶିଷ୍ଟ ଏକ ଗୋଲକ ତିଆରି କରାଗଲା । ସିଲିଣ୍ଡରର ସମଗ୍ର ପୃଷ୍ଠତଳ ନିର୍ଣ୍ଣୟ କର । (ପାଠ-୨୧ ଦେଖ)

୫. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଦିଅ । (୪)

(କ) ଏକ ଆୟତ ଚିତ୍ରରେ ଦୈର୍ଘ୍ୟ ଓ ପ୍ରସ୍ଥର ଅନ୍ତର ୭ ସେ.ମି. । ଯଦି ଏହାର କର୍ଣ୍ଣର ଦୈର୍ଘ୍ୟ ୧୩ ସେ.ମି. ହୁଏ, ତାହାହେଲେ ଏହାର କ୍ଷେତ୍ରଫଳ ନିର୍ଣ୍ଣୟ କର । (ପାଠ- ୬ ଓ ୨୦ ଦେଖ)

(ଖ) ୮୦ ମିଟର ପ୍ରସ୍ଥ ବିଶିଷ୍ଟ ଏକ ଆୟତାକାର କ୍ଷେତ୍ରର କ୍ଷେତ୍ରଫଳ ୧୨୦୦୦ ବର୍ଗ ମିଟର । ପ୍ରତି ମିଟରକୁ ଟ.୫୦ ହିସାବରେ ଏହାର ଚାରିପଟେ ତାର ବାଡ ଲଗାଇଲେ ମୋଟ କେତେ ଖର୍ଚ୍ଚ ହେବ ? (ପାଠ-୨୦ ଦେଖ)

୬. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଦିଅ । (୬)

(କ) ୨୦୧୯ରେ ହେବାକୁ ଥିବା ଦିନିକିଆ କ୍ରିକେଟ ମ୍ୟାଚକୁ ଅନୁଧ୍ୟାନ କରି ନିମ୍ନଲିଖିତ ପରଫମାନ୍ସକୁ ଭିତ୍ତି କରି ଦୁଇଟି ଦଳ ମଧ୍ୟରେ ତୁଳନା କରି ଏକ ପ୍ରକଳ୍ପ ପ୍ରସ୍ତୁତ କର ।

i. ଦଳଗତ ହାରାହାରି ରନ୍ ରେଟ୍

ii. ପ୍ରତ୍ୟେକ ଦଳରୁ ଅଧିକ ରନ୍ କରିଥିବା ୭ ଜଣ ବ୍ୟାଟସମ୍ୟାନଙ୍କର ରନ୍ ରେଟ୍

iii. ପ୍ରତ୍ୟେକ ଦଳର ପ୍ରତି ବୋଲରର ନିଜସ୍ୱ ରନ୍ ରେଟ୍

iv. **(iii)** ରେ ଦିଆଯାଇଥିବା ତଥ୍ୟକୁ ବାର୍ ଚାର୍ଟ ମାଧ୍ୟମରେ ଉପସ୍ଥାପନ କର

v. ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହେଇଥିବା ଖେଳାଳୀର ରନରେଟ୍ (ପାଠ- ୨୪ ଓ ୨୫ ଦେଖ)

(ଖ) ନିମ୍ନଲିଖିତ ତଥ୍ୟକୁ ଆଧାର କରି ଭାରତର ଯେକୌଣସି ପାଞ୍ଚଟି ସହରରେ କୌଣସି ଏକ ମାସରେ ତାପମାତ୍ରାର ଏକ ପ୍ରୋଜେକ୍ଟ ରିପୋର୍ଟ ପ୍ରସ୍ତୁତ କର ।

i. କୌଣସି ଏକ ସହରର ହାରାହାରି ଅତ୍ୟଧିକ ତାପମାତ୍ରା

ii. ପାଞ୍ଚଟି ସହରରେ ତାରିଖ ଅନୁଯାୟୀ ନିମ୍ନତମ ତାପମାତ୍ରାର ତଥ୍ୟକୁ ଟେବୁଲ ମାଧ୍ୟମରେ ପ୍ରକାଶ କର ।

iii. କୌଣସି ଏକ ନିର୍ଦ୍ଦିଷ୍ଟ ତାରିଖରେ ପାଞ୍ଚଟି ସହରର ହାରାହାରି ନିମ୍ନତମ ତାପମାତ୍ରା

iv. ବାର୍ ଚାର୍ଟ ମାଧ୍ୟମରେ ସହର ଅନୁଯାୟୀ ହାରାହାରି ଅତ୍ୟଧିକ ତାପମାତ୍ରା ଓ ନିମ୍ନତମ ତାପମାତ୍ରାକୁ ଉପସ୍ଥାପନ କର ।

(ପାଠ- ୨୪ ଓ ୨୫ ଦେଖ)

# ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା (୨୧୨)

**SCIENCE & TECHNOLOGY (212)**

## ଶିକ୍ଷକ ଅଙ୍କିତ ମୂଲ୍ୟାଙ୍କନ ପତ୍ର (୨୦୧୯-୨୦)

**TUTOR MARKED ASSIGNMENT (TMA), 2019-20**

**ସର୍ବାଧିକ ନମ୍ବର - ୨୦**

Max. Marks : 20

ଟିପ୍ପଣୀ : i. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ବାଧ୍ୟତାମୂଳକ ଅଟେ । ପ୍ରତ୍ୟେକ ପ୍ରଶ୍ନ ପାଇଁ ଉଦ୍ଦିଷ୍ଟ ମୂଲ୍ୟାଙ୍କ ପ୍ରଶ୍ନ ପାର୍ଶ୍ୱରେ ଉଲ୍ଲେଖ କରାଯାଇଛି ।

ii. ଉତ୍ତର ଖାତାରେ ପ୍ରଥମ ପୃଷ୍ଠାର ଉପର ଭାଗରେ, ତୁମର ନାମ, ପଞ୍ଜିକରଣ ସଂଖ୍ୟା (ଏନରୋଲମେଣ୍ଟ ନମ୍ବର), ଅଧ୍ୟୟନ କେନ୍ଦ୍ରର ନାମ ଏବଂ ବିଷୟର ନାମ ସ୍ପଷ୍ଟ ଭାବରେ ଲେଖ ।

୧. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ନିମ୍ନରେ ଦର୍ଶାଯାଇଥିବା ଦୁଇ ସ୍ତମ୍ଭ ବିଶିଷ୍ଟ ତାଲିକାର ଶୀର୍ଷକ ହେଉଛି କୋଷିକାଙ୍ଗକ ଓ ଏହାର ବିଶିଷ୍ଟ ପ୍ରକାର୍ଯ୍ୟ । ଏହି ତାଲିକାକୁ ସମ୍ପୂର୍ଣ୍ଣ କର । (ପାଠ- ୨୧ ଦେଖ)

| କ୍ର. ସଂଖ୍ୟା | କୋଷିକାଙ୍ଗକ | ବିଶିଷ୍ଟ ପ୍ରକାର୍ଯ୍ୟ |
|---|---|---|
| ୧ | | |
| ୨ | | |
| ୩ | | |
| ୪ | | |

(ଖ) ଏକ ନ୍ୟୁରନ୍ ଏବଂ ଅନ୍ୟ ଏକ ନ୍ୟୁରନର ସନ୍ଧିକୁ କଣ କୁହାଯାଏ । ପ୍ରଥମ ନ୍ୟୁରନର ପ୍ରାନ୍ତରେ କଣ ଥାଏ ? (ପାଠ- ୨୩ ଦେଖ)

୨. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ୦.୫ ମୋଲ୍ ଜଳ ଅଣୁରେ ଥିବା ଅଣୁ ସଂଖ୍ୟାର ହିସାବ କର । (ପାଠ- ୩ ଦେଖ)

(ଖ) ଏକ ଲୁହା ଛୁରୀକୁ ନୀଳ କପର୍ ସଲଫେଟ ଦ୍ରବଣରେ ବୁଡାଇ ରଖିଲେ ନୀଳ ରଙ୍ଗର ଦ୍ରବଣ ହାଲକା ସବୁଜ ରଙ୍ଗର ଦ୍ରବଣରେ ପରିଣତ ହୁଏ । ଏହାର କାରଣ ଦର୍ଶାଅ । (ପାଠ- ୪ ଦେଖ)

୩. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ରୀନା ରାତିରୁ ଉଚ୍ଚ ଜ୍ୱରରେ ପୀଡିତ । ତା'ର ମାଉସୀ ଏକ ସେଲ୍‌ସିୟସ୍ ଥର୍ମୋମିଟର ସାହାଯ୍ୟରେ ରୀନାର ଶରୀରର ତାପମାତ୍ରା ମାପିବାରୁ ୩୭° ସେଲ୍‌ସିୟସ୍ ହେଲା । କିନ୍ତୁ ଡାକ୍ତରଙ୍କ କ୍ଲିନିକକୁ ଯିବା ପୂର୍ବରୁ ସେ ଉକ୍ତ ତାପମାତ୍ରାକୁ ଫାରେନହିଟ୍ ସ୍କେଲରେ କେତେ ଜାଣିବାକୁ ଚାହୁଁଛନ୍ତି । ଏହି ତାପମାତ୍ରାକୁ ଫାରେନହିଟ୍ ସ୍କେଲ୍‌ରେ ବଦଳାଇବା ପାଇଁ ଆପଣ ତାଙ୍କୁ ସାହାଯ୍ୟ କରନ୍ତୁ । (ପାଠ- ୧୪ ଦେଖ)

(ଖ) ବର୍ଷି ହେଉଛି ଏକ ଦୃଷ୍ଟିଶକ୍ତିହୀନ ବାଳକ । ସେ ତା' ବାପାଙ୍କ ସହିତ କଥା ହେଉଥିବା ଅନ୍ୟ ଜଣେ ଲୋକଙ୍କର କଣ୍ଠସ୍ୱର ଶୁଣିଲା । କଣ୍ଠସ୍ୱର ଶୁଣିବା ମାତ୍ରେ ସେ ଜାଣିପାରିଲା ଯେ ତାହା ହେଉଛି ତାର ମାଈଙ୍କର କଣ୍ଠସ୍ୱର / ବା ସେ ଲୋକ ହେଉଛନ୍ତି ତା'ର ମାଈଁ । ଧ୍ୱନିର ଏହି ଅଭିଲକ୍ଷଣ ଗୁଡିକର ନାମ ଲେଖ, ଯାହାକୁ ଆଧାର କରି ସେ ଜାଣି ପାରିଲା ଯେ ଏହି ବ୍ୟକ୍ତି

i. ଏକ ମହିଳା ଏବଂ

ii. ତାର ମାଈଁ ଅଟନ୍ତି । (ପାଠ-୧୮ ଦେଖ)

୪. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୧୦୦ ରୁ ୧୫୦ ଶବ୍ଦ ମଧ୍ୟରେ ଲେଖ । (୪)

(କ) ଏକ ପେଣ୍ଡୁକୁ ଭୂଲମ୍ବ ଦିଗରେ ଉପରକୁ ଫିଙ୍ଗିଲେ ଏହା ଭୂପୃଷ୍ଠ ଠାରୁ ୧୨୬.୫ ମି. ଉଚ୍ଚତାରେ ପହଞ୍ଚୁଛି । ତେବେ,

i. ପେଣ୍ଡୁଟିକୁ ଉପରକୁ କେତେ ବେଗରେ ଫିଙ୍ଗାଗଲା ଏବଂ

ii. ଆରୋହଣ ସମୟ କେତେ ହିସାବ କର ।

(ଦତ୍ତ : **g** = ୯.୮ ମି. / ସେ.$^{୨}$) (ପାଠ- ୧୧ ଦେଖ)

(ଖ) i. ନାପ୍‌ଥାଲିନ୍ ଅପେକ୍ଷା NaCl (ସୋଡିୟମ୍ କ୍ଲୋରାଇଡ୍) ର ଗଳନାଙ୍କ ଅଧିକ କାହିଁକି ?

ii. NaCl, ଗଳିତ ଅବସ୍ଥାରେ ବିଦ୍ୟୁତ ସୁପରିବାହୀ କିନ୍ତୁ କଠିନ ଅବସ୍ଥାରେ କାହିଁକି ନୁହେଁ । (ପାଠ- ୭ ଦେଖ)

୫. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୧୦୦ ରୁ ୧୫୦ ଶବ୍ଦ ମଧ୍ୟରେ ଲେଖ ।

(କ) ବିଦ୍ୟୁତ୍ ଜନିତ୍ରର ସିଦ୍ଧାନ୍ତ ଲେଖ । (୪)

ଏସି ଜନିତ୍ର ଏବଂ ଡିସି ଜନିତ୍ରର ଗଠନ ଏବଂ ଆଉଟ୍‌ପୁଟ୍‌କୁ ଆଧାର କରି ପାର୍ଥକ୍ୟ ଦର୍ଶାଅ । ଜନିତ୍ରରେ କୁଣ୍ଡଳୀର ଘୂର୍ଣ୍ଣନ ଦିଗ ନିର୍ଦ୍ଧାରଣ ପାଇଁ ପ୍ରଯୁଜ୍ୟ ସିଦ୍ଧାନ୍ତ ବା ନିୟମକୁ ଉଲ୍ଲେଖ କର ।

(ଖ) ନିମ୍ନଲିଖିତ ଶବ୍ଦ ଯୁଗ୍ମ ମାନଙ୍କର ପାର୍ଥକ୍ୟ ଉଦାହରଣ ସହିତ ଦର୍ଶାଅ ।

i. ବ୍ୟକ୍ତିଗତ ସ୍ୱାସ୍ଥ୍ୟ ଏବଂ ସାମୁଦାୟିକ / ଗୋଷ୍ଠୀ ସ୍ୱାସ୍ଥ୍ୟ

ii. ସଂକ୍ରାମକ ରୋଗ ଏବଂ ଅସଂକ୍ରାମକ ରୋଗ (ପାଠ- ୩୨ ଦେଖ)

୬. ନିମ୍ନରେ ଦିଆଯାଇଥିବା ପ୍ରକଳ୍ପ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରକଳ୍ପ ପ୍ରସ୍ତୁତ କର । (୬)

(କ) ଚତୁଃପାର୍ଶ୍ୱକୁ ଲକ୍ଷ୍ୟ / ଅନୁଧ୍ୟାନ କରି ବିଭିନ୍ନ ପ୍ରକାର ଉପଯୋଗୀ ଶକ୍ତି ଉତ୍ସ ଗୁଡିକର ଏକ ତାଲିକା ପ୍ରସ୍ତୁତ କର । ଏହି ଉତ୍ସ ଗୁଡିକ ମଧ୍ୟରୁ ଅତିକମ୍‌ରେ ୬ଟି ବିଷୟରେ ନିମ୍ନଲିଖିତ ସାରଣୀରେ ଲେଖ ଏବଂ ଏମାନଙ୍କ ସମ୍ବନ୍ଧରେ ଆବଶ୍ୟକୀୟ ସୂଚନା ଦିଅ । ଏଗୁଡିକ ବିଷୟରେ ସୂଚନା ସଂଗ୍ରହ କରିବା ପାଇଁ ଆପଣ ପାଠ୍ୟ ପୁସ୍ତିକା ଏବଂ ଇଣ୍ଟରନେଟ୍‌ର ସାହାଯ୍ୟ ନେଇପାରିବେ ।

| କ୍ର.ସଂ | ଶକ୍ତି ଉତ୍ସ | ଏହା ନବୀକରଣ ଅଟେ | ଲାଭ | କ୍ଷତି | ସେଗୁଡିକର ସଂରକ୍ଷଣର ପଦ୍ଧତି |
|---|---|---|---|---|---|
| ୧ | | | | | |
| ୨ | | | | | |
| ୩ | | | | | |
| ୪ | | | | | |
| ୫ | | | | | |

(ଖ) ଆପଣ ଭାବନ୍ତୁ ଏବଂ ମନେପକାନ୍ତୁ, ଆପଣ କେଉଁ ରୋଗରେ ପୀଡିତ ଥିଲେ । ସେ ସମୟରେ ଆପଣଙ୍କର ସ୍ୱାସ୍ଥ୍ୟ ଅବସ୍ଥା କିପରି ଥିଲା ମନେ ପକାଇ କିମ୍ବା ଆପଣଙ୍କର ପାଠ୍ୟପୁସ୍ତିକା କିମ୍ବା ଇଣ୍ଟରନେଟ ବ୍ୟବହାର କରି ଚିତ୍ର ସହିତ ସେହି ରୋଗର ଲକ୍ଷଣ, କାରଣ, ଅବଧି, ଉଷ୍ମାୟନ, ଉପଶମ ଏବଂ ନିବାରଣ ଉପରେ ଆଧାରିତ ଏକ ଚାର୍ଟ ପ୍ରସ୍ତୁତ କରନ୍ତୁ ।

# ସାମାଜିକ ବିଜ୍ଞାନ (୨୧୩)

**SOCIAL SCIENCE (213)**

## ଶିକ୍ଷକ ଅଙ୍କିତ ମୂଲ୍ୟାଙ୍କନ ପତ୍ର (୨୦୧୯-୨୦)

**TUTOR MARKED ASSIGNMENT (TMA), 2019-20**

**ସର୍ବାଧିକ ନମ୍ବର - ୨୦**

Max. Marks : 20

ଟିପ୍ପଣୀ : i. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ବାଧ୍ୟତାମୂଳକ ଅଟେ । ପ୍ରତ୍ୟେକ ପ୍ରଶ୍ନ ପାଇଁ ଉଦ୍ଦିଷ୍ଟ ମୂଲ୍ୟାଙ୍କ ପ୍ରଶ୍ନ ପାଶ୍ୱରେ ଉଲ୍ଲେଖ କରାଯାଇଛି ।

ii. ଉତ୍ତର ଖାତାରେ ପ୍ରଥମ ପୃଷ୍ଠାର ଉପର ଭାଗରେ, ତୁମର ନାମ, ପଞ୍ଜିକରଣ ସଂଖ୍ୟା (ଏନରୋଲମେଣ୍ଟ ନମ୍ବର), ଅଧ୍ୟୟନ କେନ୍ଦ୍ରର ନାମ ଏବଂ ବିଷୟର ନାମ ସ୍ପଷ୍ଟ ଭାବରେ ଲେଖ ।

୧. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ଭୀମ୍‌ବେଟକା ଗୁମ୍ଫାରେ ଚିତ୍ରକାରୀର ଉଦ୍ଦେଶ୍ୟ ସଂପର୍କରେ ବିଶ୍ଳେଷଣ କର । (ପାଠ-୦ ଦେଖ)

(ଖ) ମନୁଷ୍ୟର ଉନ୍ନତିରେ ସହରୀ ଜୀବନର ଯେକୌଣସି ଦୁଇଟି ଲକ୍ଷଣର ପରୀକ୍ଷା କର । (ପାଠ-୦ ଦେଖ)

୨. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ହିମାଳୟ ଏବଂ ପ୍ରାୟଦ୍ୱୀପୀୟ ଜଳପ୍ରବାହ ପ୍ରଣାଳୀ ମଧ୍ୟରେ ଥିବା ପାର୍ଥକ୍ୟ ସ୍ପଷ୍ଟ କର । (ପାଠ-୯ ଦେଖ)

(ଖ) ଭାରତରେ ବୃଷ୍ଟିପାତ ବଣ୍ଟନ ଉପରେ ଆଲୋକପାତ କର । (ପାଠ-୧୦ ଦେଖ)

୩. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ଭାରତର ନିର୍ବାଚନ ପ୍ରକ୍ରିୟାରେ ସୁଧାର ଆଣିବା ପାଇଁ ଯେକୌଣସି ଦୁଇଟି ଉପାୟର ପ୍ରସ୍ତାବ ଦିଅ ।

(ପାଠ-୨୨ ଦେଖ)

(ଖ) ଗ୍ରାମ ପଞ୍ଚାୟତକୁ ଅଧିକ ଶକ୍ତିଶାଳୀ କରିବା ପାଇଁ ଯେକୌଣସି ଦୁଇଟି ପ୍ରସ୍ତାବ ଦିଅ । (ପାଠ-୧୮ ଦେଖ)

୪. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୧୦୦ ରୁ ୧୫୦ ଶବ୍ଦ ମଧ୍ୟରେ ଲେଖ । (୪)

(କ) ହରପ୍ପା ବାସୀଙ୍କ ଧର୍ମ ଆଉ ସଂସ୍କୃତିର ପରୀକ୍ଷା କର । (ପାଠ-୧ ଦେଖ)

(ଖ) ସମୟ ସହ ଜନସଂଖ୍ୟାରେ ପରିବର୍ତ୍ତନ କିପରି ହୁଏ ? ଯେକୌଣସି ଦୁଇଟି ଲକ୍ଷଣର ବ୍ୟାଖ୍ୟା କର ।

(ପାଠ-୧୪ ଦେଖ)

୫. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୧୦୦ ରୁ ୧୫୦ ଶବ୍ଦ ମଧ୍ୟରେ ଲେଖ । (୪)

(କ) ରାଜ୍ୟର ନୀତି ନିର୍ଦ୍ଦେଶନାମା ସିଦ୍ଧାନ୍ତରୁ ଯେକୌଣସି ଚାରୋଟି ନିର୍ଦ୍ଦେଶନାମା ସିଦ୍ଧାନ୍ତ ସଂପର୍କରେ ଅବଗତ କରାଅ, ଯାହା ସାମାଜିକ ଓ ଆର୍ଥିକ ସମାନତାକୁ ପ୍ରୋତ୍ସାହନ ଦେଇଥାଏ । (ପାଠ-୧୭ ଦେଖ)

(ଖ) କ୍ଷେତ୍ରବାଦର ଯେକୌଣସି ଦୁଇଟି ଗୁଣ ସଂପର୍କରେ ବର୍ଣ୍ଣନା କର । (ପାଠ-୨୪ ଦେଖ)

୬. ନିମ୍ନରେ ଦିଆଯାଇଥିବା ପ୍ରକଳ୍ପ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରକଳ୍ପ ପ୍ରସ୍ତୁତ କର । (୬)

(କ) ବିଭିନ୍ନ ଗତିବିଧି / ପର୍ବପର୍ବାଣୀ / ସ୍ଥାନ / ଯାତ୍ରା / ଖେଳ ଇତ୍ୟାଦିର ଯେକୌଣସି ଛଅଟି ଅନୁଭବର ନିମ୍ନଲିଖିତ ତାଲିକା ଅନୁସାରେ ବିଷୟ ବସ୍ତୁ ପ୍ରସ୍ତୁତ କର ଯାହା ଦ୍ୱାରା ତୁମକୁ ରାଷ୍ଟ୍ରୀୟ ଏକତା ଓ ଅଖଣ୍ଡତାର ମହତ୍ତ୍ୱ ଶିଖିବାକୁ ପ୍ରେରଣା ମିଳେ ।

| କ୍ରମାଙ୍କ | ଗତିବିଧି / ପର୍ବ / ସ୍ଥାନ -------- ଇତ୍ୟାଦି | ପ୍ରେରଣାର କାରଣ |
|---|---|---|
| ୧ | | |
| ୨ | | |
| ୩ | | |
| ୪ | | |
| ୫ | | |

(ଖ) ନିଜ ଆଖପାଖରେ ମିଳୁଥିବା ବନସ୍ପତି ତଥା ପଶୁପକ୍ଷୀଙ୍କ ମଧ୍ୟରୁ ପ୍ରତ୍ୟେକର ୫ ପ୍ରଜାତିର ତାଲିକା ପ୍ରସ୍ତୁତ କର । ଆଖପାଖର ପ୍ରଜାତିଙ୍କ ମଧ୍ୟରୁ କୌଣସି ପ୍ରଜାତି ଧ୍ୱଂସ ମୁଖରେ ନାହିଁ ତ ! ସେମାନଙ୍କ ବିଷୟରେ ଖବର ଏକାଠି କର । ସେମାନଙ୍କ ବିଲୁପ୍ତ ହେବାର କାରଣ ତଥା ସେମାନଙ୍କର ସଂରକ୍ଷଣ ପାଇଁ ଉପାୟକୁ ନେଇ ପାଖାପାଖି ୨୦୦ ଶବ୍ଦ ମଧ୍ୟରେ ଏକ ବିବରଣୀ ପ୍ରସ୍ତୁତ କର ।

# ଅର୍ଥଶାସ୍ତ୍ର (୨୧୪)

## ECONOMICS (214)

## ଶିକ୍ଷକ ଅଙ୍କିତ ମୂଲ୍ୟାଙ୍କନ ପତ୍ର (୨୦୧୯-୨୦)

## TUTOR MARKED ASSIGNMENT (TMA), 2019-20

ସର୍ବାଧିକ ନମ୍ବର - ୨୦

Max. Marks : 20

ଟିପ୍ପଣୀ : i. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ବାଧ୍ୟତାମୂଳକ ଅଟେ । ପ୍ରତ୍ୟେକ ପ୍ରଶ୍ନ ପାଇଁ ଉଦ୍ଦିଷ୍ଟ ମୂଲ୍ୟାଙ୍କ ପ୍ରଶ୍ନ ପାର୍ଶ୍ୱରେ ଉଲ୍ଲେଖ କରାଯାଇଛି ।

ii. ଉତ୍ତର ଖାତାରେ ପ୍ରଥମ ପୃଷ୍ଠାର ଉପର ଭାଗରେ, ତୁମର ନାମ, ପଞ୍ଜିକରଣ ସଂଖ୍ୟା (ଏନରୋଲମେଣ୍ଟ ନମ୍ବର), ଅଧ୍ୟୟନ କେନ୍ଦ୍ରର ନାମ ଏବଂ ବିଷୟର ନାମ ସ୍ପଷ୍ଟ ଭାବରେ ଲେଖ ।

୧. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ବ୍ୟଷ୍ଟି ଅର୍ଥନୀତି ଓ ସମଷ୍ଟି ଅର୍ଥନୀତି ମଧ୍ୟରେ ଥିବା ଗୋଟିଏ ପ୍ରମୁଖ ପାର୍ଥକ୍ୟ ଲେଖ । (ପାଠ-୧ ଦେଖ)

(ଖ) ସ୍ୱଳ୍ପତା ଯୋଗୁଁ ଅର୍ଥଶାସ୍ତ୍ରରେ ନିର୍ବାଚନର ଆବଶ୍ୟକ ହୋଇଥାଏ । ବ୍ୟାଖ୍ୟା କର । (ପାଠ- ୨ ଦେଖ)

୨. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ଗୋଟିଏ ଅର୍ଥନୀତିରେ ଦ୍ରବ୍ୟ ଓ ସେବାର ଭୂମିକା ଓ ଗୁରୁତ୍ୱ ଲେଖ । (ପାଠ- ୪ ଦେଖ)

(ଖ) ଭାରତୀୟ ଅର୍ଥନୀତିରେ ସର୍ବଶିକ୍ଷା ଅଭିଯାନ ଓ କୌଶଳ ଭାରତ ଅଭିଯାନର କେଉଁ ପ୍ରକାର ପ୍ରଭାବ ପଡିବାର ସଂଭାବନା ଅଛି ? (ପାଠ- ୪ ଦେଖ)

୩. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ଭାରତ ଭଳି ଏକ ସ୍ୱଳ୍ପ ବିକଶିତ ରାଷ୍ଟ୍ର ପାଇଁ 'କିପରି ଉତ୍ପାଦନ କରାଯିବ' ଏକ ଜଟିଳ ସମସ୍ୟା ଅଟେ । ଆଲୋଚନା କର । (ପାଠ- ୫ ଦେଖ)

(ଖ) ରାମ ଏକ ଯୋତା ନିର୍ମାଣ କାରଖାନା ଚଲାଉଛି । ଗୋଟିଏ ଉଦ୍ୟୋଗୀ ଭାବେ ସେ କେଉଁ କେଉଁ କାର୍ଯ୍ୟ ସାଧନ କରିପାରେ ଲେଖ । (ପାଠ- ୧୮ ଦେଖ)

୪. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୧୦୦ ରୁ ୧୫୦ ଶବ୍ଦ ମଧ୍ୟରେ ଲେଖ । (୪)

(କ) ବସ୍ତୁନିଷ୍ଠ ଏବଂ ନୀତିନିଷ୍ଠ ଅର୍ଥଶାସ୍ତ୍ରର ଧାରଣାକୁ ଉଦାହରଣ ସହ ବୁଝାଅ । (ପାଠ- ୧ ଦେଖ)

(ଖ) ନୂତନ ଜ୍ଞାନ କୌଶଳ ଦ୍ୱାରା ଜଣେ ବୁଦ୍ଧିମାନ ଉତ୍ପାଦକ କ୍ରମହ୍ରାସମାନ ଉତ୍ପନ୍ନ ନିୟମକୁ ପରିହାର କରିପାରିବ ବୋଲି ତୁମେ ଭାବୁଛ କି ? କ୍ରମହ୍ରାସମାନ ଉତ୍ପନ୍ନ ନିୟମ ସାହାଯ୍ୟରେ ତୁମର ମତାମତ ପ୍ରଦାନ କର । (ପାଠ- ୭ ଦେଖ)

୫. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୧୦୦ ରୁ ୧୫୦ ଶବ୍ଦ ମଧ୍ୟରେ ଲେଖ । (୪)

(କ) ଆମ ଅର୍ଥନୀତି ଯଦି ଅଧିକରୁ ଅଧିକ ସମ୍ବଳର ସ୍ଥାଣୁ ବ୍ୟବହାର ଜନିତ ସମସ୍ୟା ଦ୍ୱାରା ପ୍ରଭାବିତ ହୋଇଥାଏ ତେବେ ତାହାର ସମାଧାନ କିପରି କରାଯାଇପାରିବ ଆଲୋଚନା କର । (ପାଠ- ୫ ଦେଖ)

(ଖ) ଅର୍ଥନୈତିକ ଦ୍ରବ୍ୟ ଓ ଉତ୍ପାଦକ ଦ୍ରବ୍ୟ ମଧ୍ୟରେ ପାର୍ଥକ୍ୟ ଦର୍ଶାଅ । (ପାଠ- ୩ ଦେଖ)

୬. ନିମ୍ନରେ ଦିଆଯାଇଥିବା ପ୍ରକଳ୍ପ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରକଳ୍ପ ୫୦୦ ଶବ୍ଦ ମଧ୍ୟରେ ପ୍ରସ୍ତୁତ କର । (୬)

(କ) ସାରଣୀଟିକୁ ସଂପୂର୍ଣ୍ଣ କର । (ପାଠ- ୭ ଦେଖ)

| ଏକକ + ଶ୍ରମ | ହାରାହାରୀ ଉତ୍ପାଦ | ସୀମାନ୍ତ ଉତ୍ପାଦ |
|---|---|---|
| ୧ | ୪ | |
| ୨ | ୫ | |
| ୩ | ୫ | |
| ୪ | ୪ | |
| ୫ | ୩ | |

(ଖ) ଏକ ଉତ୍ପାଦନ ପ୍ରତିଷ୍ଠାନକୁ ପରିଦର୍ଶନ କରି ଏହାର ଉତ୍ପାଦନ, ଉପଭୋଗ ଏବଂ ବଣ୍ଟନ କାର୍ଯ୍ୟାବଳୀର ଗୋଟିଏ ଯୋଜନା ବିବରଣୀ ପ୍ରସ୍ତୁତ କର । (ପାଠ- ୬ ଦେଖ)

# ବ୍ୟବସାୟ ଅଧ୍ୟୟନ (୨୧୫)

**BUSINESS STUDIES (215)**

## ଶିକ୍ଷକ ଅଙ୍କିତ ମୂଲ୍ୟାଙ୍କନ ପତ୍ର (୨୦୧୯-୨୦)

**TUTOR MARKED ASSIGNMENT (TMA), 2019-20**

**ସର୍ବାଧିକ ନମ୍ବର - ୨୦**

Max. Marks : 20

ଟିପ୍ପଣୀ : i. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ବାଧ୍ୟତାମୂଳକ ଅଟେ । ପ୍ରତ୍ୟେକ ପ୍ରଶ୍ନ ପାଇଁ ଉଦ୍ଦିଷ୍ଟ ମୂଲ୍ୟାଙ୍କ ପ୍ରଶ୍ନ ପାଶ୍ୱରେ ଉଲ୍ଲେଖ କରାଯାଇଛି ।

ii. ଉତ୍ତର ଖାତାରେ ପ୍ରଥମ ପୃଷ୍ଠାର ଉପର ଭାଗରେ, ତୁମର ନାମ, ପଞ୍ଜିକରଣ ସଂଖ୍ୟା (ଏନରୋଲମେଣ୍ଟ ନମ୍ବର), ଅଧ୍ୟୟନ କେନ୍ଦ୍ରର ନାମ ଏବଂ ବିଷୟର ନାମ ସ୍ପଷ୍ଟ ଭାବରେ ଲେଖ ।

୧. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ଟିନି ଟମ୍ ଏକ ବୃହତ୍ ଫାର୍ମରେ କାର୍ଯ୍ୟ କରୁଥିଲେ ମଧ୍ୟ ତାଙ୍କ କାର୍ଯ୍ୟରେ ଅସୁଖୀ ଥିଲେ । ସେ ବିଚାର କଲେ ଯେ ତାଙ୍କ କୌଶଳକୁ ଫାର୍ମ ଯନ୍ତ୍ରପାତି ମରାମତି କାର୍ଯ୍ୟରେ ବ୍ୟବହାର କରାଯାଇ ପାରିବ । ସେ ନୂତନ ବ୍ୟବସାୟ ଆରମ୍ଭ କରିବାକୁ ସ୍ଥିର କଲେ । ନୂତନ ବ୍ୟବସାୟ ଏକକ ମାଲିକାନା ସତ୍ତ୍ୱ ଭାବରେ ଆରମ୍ଭ କରାଗଲେ କେଉଁ ସବୁ ସମସ୍ୟା ଉପୁଜିବ ? (ପାଠ-୩ ଦେଖ)

(ଖ) ରୀନା ଏବଂ ଟିନା ଭାଗିଦାରୀ ସୂତ୍ରରେ ବ୍ୟବସାୟ କରନ୍ତି । ସେମାନେ ସମବାୟ ସମିତିର ଉପାଦେୟତା/ଲାଭ ବିଷୟରେ ଜାଣିବାକୁ ପାଇଲେ । ସମବାୟ ସମିତିର ଲାଭ ବର୍ଣ୍ଣନା କରିବା ସହ ସେମାନଙ୍କ ବ୍ୟବସାୟକୁ ସମବାୟ ସମିତିରେ ପରିଣତ କରିବା ପାଇଁ ସେମାନଙ୍କୁ ମାର୍ଗଦର୍ଶନ କରାଅ । (ପାଠ-୪ ଦେଖ)

୨. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ଟେଡ୍ଡୀ ଏକ ଯୌଥ ଉଦ୍ୟୋଗ କମ୍ପାନୀର ଅଂଶୀଦାର ଅଟନ୍ତି । ଏକ ଯୌଥ ଉଦ୍ୟୋଗ କମ୍ପାନୀର ଅଂଶୀଦାର ଭାବରେ ସେ ଯେଉଁସବୁ ସୁବିଧା ଲାଭ କରୁଥିବେ ଉଲ୍ଲେଖକର ? (ପାଠ-୪ ଦେଖ)

(ଖ) ସରକାରୀ ଭଣ୍ଡାରଗୃହ ଓ ବନ୍ଧକ ଭଣ୍ଡାରଗୃହ ମଧ୍ୟରେ ପାର୍ଥକ୍ୟ ଦର୍ଶାଅ । (ପାଠ-୬ ଦେଖ)

୩. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ ।

(କ) ମି. ନାରାୟଣ ଏକ ଫଳ ରସ ବ୍ୟବସାୟ ଅନୁଷ୍ଠାନର ଏକକ ମାଲିକ ଅଟନ୍ତି । ସେ ତାଙ୍କ ଉତ୍ପାଦକୁ ଦୂରଦୂରାନ୍ତ ସ୍ଥାନରେ ବିକ୍ରି କରିବାକୁ ନିଷ୍ପତ୍ତି ନେଲେ । ଉତ୍ପାଦ ପରିବହନ କରିବା ପୂର୍ବରୁ ସଡ଼କ ପରିବହନର କେଉଁସବୁ ଲାଭ ତାଙ୍କ ମନକୁ ଆସିବ ଲେଖ ? (ପାଠ-୫ ଦେଖ)

(ଖ) ଏହିସବୁ ଉକ୍ତିରୁ ଆର୍ଥିକ ଓ ଅଣଆର୍ଥିକ କ୍ରିୟାକଳାପ ଚିହ୍ନଟ କର:

(i) ମି. ଚୈତନ୍ୟ ଦେଶ ପାଇଁ ଫୁଟ୍‌ବଲ୍ ଖେଳିବା ।

(ii) ଶ୍ରୀମତୀ ସରନ୍ୟା ଟେଲିଭିଜନରେ ଏକ ନୃତ୍ୟ କାର୍ଯ୍ୟକ୍ରମ ଦେଖିବା । (ପାଠ-୧ ଦେଖ)

୪- ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୧୦୦ ରୁ ୧୫୦ ଶବ୍ଦ ମଧ୍ୟରେ ଲେଖ । (୪)

(କ) ଏକ ଫାର୍ମ ନିଜ ଉତ୍ପାଦକୁ ଭଣ୍ଡାରଗୃହରେ ରଖିବା ପୂର୍ବରୁ 'ଭଣ୍ଡାରଣ'ର କେଉଁସବୁ ଲାଭଗୁଡ଼ିକୁ ବିଚାର କରିବା ଉଚିତ ବର୍ଣ୍ଣନା କର । (ପାଠ-୬ ଦେଖ)

(ଖ) ଏକ ଘରୋଇ କମ୍ପାନୀର ବିଶେଷତ୍ତ୍ୱଗୁଡ଼ିକ କ'ଣ ? ଏହା ରାଷ୍ଟ୍ରୀୟ କମ୍ପାନୀଠାରୁ କିପରି ଭାବରେ ଭିନ୍ନ ଲେଖ ? (ପାଠ-୪ ଦେଖ)

୫. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୧୦୦ ରୁ ୧୫୦ ଶବ୍ଦ ମଧ୍ୟରେ ଲେଖ । (୪)

(କ) ଏକ ଯୌଥ ହିନ୍ଦୁ ପାରିବାରିକ ବ୍ୟବସାୟରେ କର୍ତ୍ତାଙ୍କ ସହ କେଉଁସବୁ ସ୍ୱତନ୍ତ୍ର ବୈଶିଷ୍ଟ୍ୟମାନ ସମ୍ପୃକ୍ତ ବ୍ୟାଖ୍ୟା କର । (ପାଠ-୩ ଦେଖ)

(ଖ) ଶ୍ରୀ ପ୍ରଶାନ୍ତ ଝୋଟରୁ ବ୍ୟାଗ୍ ପ୍ରସ୍ତୁତ କରୁଥିବା ଏକ ମଧ୍ୟମ ଧରଣର ବ୍ୟବସାୟର ମାଲିକ ଅଟନ୍ତି । ସେ ଅତ୍ୟନ୍ତ ଦୂର ସ୍ଥାନରୁ ଏକ ଆଦେଶ ପାଇଲେ । ରେଳ ପରିବହନ ଜରିଆରେ ଅଧିକାଂଶ ମାଲ୍ ପଠାଇବାକୁ ସେ ନିଷ୍ପତ୍ତି ନେଲେ । ସେହି ପରିବହନରେ କେଉଁସବୁ ଲାଭଗୁଡ଼ିକୁ ତୁମେ ଦେଖୁଛ ? (ପାଠ-୫ ଦେଖ)

୬. ନିମ୍ନରେ ଦିଆଯାଇଥିବା ପ୍ରକଳ୍ପ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରକଳ୍ପ ପ୍ରସ୍ତୁତ କର । (୬)

(କ) ତୁମେ ଜଣେ କର୍ମଚାରୀ । ତୁମ ପ୍ରବନ୍ଧକ ତୁମକୁ ଏକ ବ୍ୟବସାୟ ସଂଗଠନରେ ସମ୍ପ୍ରେଷଣ/ଯୋଗାଯୋଗର ମହତ୍ତ୍ୱ ଓ ଏହାକୁ ହାସଲ କରିବା ପାଇଁ ଆଧୁନିକ ଜ୍ଞାନକୌଶଳର ବ୍ୟବହାରକୁ ଉଲ୍ଲେଖ କରି ଏକ ପ୍ରତିବେଦନ (ରିପୋର୍ଟ) ପ୍ରସ୍ତୁତ କରିବାକୁ କହିଲେ । ଏ ସଂକ୍ରାନ୍ତରେ ତୁମେ ଏକ ରିପୋର୍ଟ ପ୍ରସ୍ତୁତ କର । (ପାଠ-୭ ଦେଖ)

(ଖ) ତୁମ ନିକଟସ୍ଥ ଯେକୌଣସି ଶିଳ୍ପ ସଂସ୍ଥାକୁ ଯାଅ । ଶିଳ୍ପ ସଂସ୍ଥାକୁ ସହାୟତା କରୁଥିବା 'ବ୍ୟାପାର ସହାୟକ'ଗୁଡ଼ିକୁ ଚିହ୍ନଟ କର । ସେହି ଶିଳ୍ପ ସଂସ୍ଥାକୁ ସହାୟକ ହେଉଥିବା ଯେକୌଣସି ତିନିଟି 'ବ୍ୟାପାର ସହାୟକ' ବିଷୟରେ ସବିଶେଷ ରିପୋର୍ଟ ପ୍ରସ୍ତୁତ କର । (ପାଠ-୨ ଦେଖ)

# ଗୃହ ବିଜ୍ଞାନ (୨୧୬)

**HOME SCIENCE (216)**

## ଶିକ୍ଷକ ଅଙ୍କିତ ମୂଲ୍ୟାଙ୍କନ ପତ୍ର (୨୦୧୯-୨୦)

**TUTOR MARKED ASSIGNMENT (TMA), 2019-20**

ସର୍ବାଧିକ ନମ୍ବର - ୨୦

Max. Marks : 20

ଟିପ୍ପଣୀ : i. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ବାଧ୍ୟତାମୂଳକ ଅଟେ । ପ୍ରତ୍ୟେକ ପ୍ରଶ୍ନ ପାଇଁ ଉଦ୍ଦିଷ୍ଟ ମୂଲ୍ୟାଙ୍କ ପ୍ରଶ୍ନ ପାଶ୍ୱରେ ଉଲ୍ଲେଖ କରାଯାଇଛି ।

ii. ଉତ୍ତର ଖାତାରେ ପ୍ରଥମ ପୃଷ୍ଠାର ଉପର ଭାଗରେ, ତୁମର ନାମ, ପଞ୍ଜିକରଣ ସଂଖ୍ୟା (ଏନରୋଲମେଣ୍ଟ ନମ୍ବର), ଅଧ୍ୟୟନ କେନ୍ଦ୍ରର ନାମ ଏବଂ ବିଷୟର ନାମ ସ୍ୱଷ୍ଟ ଭାବରେ ଲେଖ ।

୧. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ଅଚିହ୍ନା ବ୍ୟକ୍ତିଙ୍କ ସହ ବାର୍ତ୍ତାଳାପ କରିବାକୁ ମିତା ଭଲପାଏ । ଏହି ଗୁଣାବଳୀକୁ କେନ୍ଦ୍ରକରି ତାକୁ ଦୁଇଟି ଅନୁକୂଳ ଜୀବିକା ସାଧନର ପନ୍ଥା ସମ୍ବନ୍ଧରେ ପରାମର୍ଶ ଦିଅ । (ପାଠ-୧ ଦେଖ)

(ଖ) ରୁଟି ଏବଂ ପାଉଁରୁଟି ପ୍ରସ୍ତୁତ କରିବାର ପ୍ରଣାଳୀ ଗୁଡିକ କଣ ? ଏହି ଖାଦ୍ୟର ଗୋଟିଏ ଉପକାରିତା ଏବଂ ଅପକାରିତା ଯାହାକି ଉଭୟ ପ୍ରଣାଳୀ ପାଇଁ ସମାନ ଲେଖ । ପ୍ରତ୍ୟେକ ଖାଦ୍ୟ ପଦାର୍ଥର ଦୁଇଟି ପୋଷକତତ୍ତ୍ୱ ଉପରେ ଏହି ଦୁଇଟି ପ୍ରଣାଳୀର ପ୍ରଭାବ କଣ ବର୍ଣ୍ଣନା କର । (ପାଠ-୪ ଦେଖ)

୨. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ନିଜ ଅଞ୍ଚଳରେ ମିଳୁଥିବା ଖାଦ୍ୟ ସାମଗ୍ରୀ ଗୁଡିକ ଚିହ୍ନଟ କରି ନିମ୍ନଲିଖିତ ସାରଣୀ ପୂରଣ କର ।

| କ୍ରମିକ ନମ୍ବର | ଖାଦ୍ୟର ପୋଷକତତ୍ତ୍ୱ | ଖାଦ୍ୟ ସାମଗ୍ରୀର ନାମ |
|---|---|---|
| ୧ | ତନ୍ତୁ ଏକ ଖାଦ୍ୟପ୍ରାଣ- ଗ | ୧<br>୨ |
| ୨ | ପୃଷ୍ଟିସାର ଏବଂ କ୍ୟାଲସିୟମ | ୧<br>୨ |
| ୩ | ତନ୍ତୁ ଏବଂ ଲୌହ | ୧<br>୨ |
| ୪ | ଚର୍ବି ଏବଂ ଖାଦ୍ୟପ୍ରାଣ- କ | ୧<br>୨ |
| ୫ | ଖାଦ୍ୟପ୍ରାଣ – ଖ ଏବଂ ଲୌହ | ୧<br>୨ |

(ଖ) ଚାମଚ ଭର୍ତ୍ତିଥିବା ଏକ ଡ୍ରୟାରରେ ଛୁରୀ ଖୋଜିଲା ବେଳେ କୁମ୍‌କୁମର ଆଙ୍ଗୁଳି କଟିଯାଇଛି । ରକ୍ତସ୍ରାବ ରୋକିବା ନିମନ୍ତେ ତୁମେ କେଉଁ ପ୍ରାଥମିକ ଚିକିତ୍ସା ପ୍ରଦାନ କରିବ । କେଉଁ ଦୁଇ ଗୋଟି ସାବଧାନତା ଅବଲମ୍ବନ କଲେ ଭବିଷ୍ୟତରେ ଏପରି ଘଟଣା ହେବ ନାହିଁ ପରାମର୍ଶ ଦିଅ । (ପାଠ-୧୩ ଦେଖ)

୩. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ବିସ୍କୁଟ କିଣିବା ସମୟରେ କେଉଁ ଦୁଇ ଗୋଟି ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ୟାକେଟ୍ ଉପରେ ପଢିବା ଉଚିତ୍ ଏବଂ ଆଣ୍ଟୁ କିଣିବା ସମୟରେ କେଉଁ ଦୁଇ ଗୋଟି ବିଷୟ ଉପରେ ଧ୍ୟାନ ଦେବ । ଏହି ଦୁଇଟି ଜିନିଷ କିଣିଲା ବେଳେ ପ୍ରତ୍ୟେକ ଦ୍ରବ୍ୟ ପାଇଁ ଗୋଟିଏ କାରଣ ଖୋଜ ଯାହା ପାଇଁ ତୁମେ ସେ ଦ୍ରବ୍ୟକୁ ଅସ୍ୱୀକାର କରିପାରିବ ଏବଂ କାହିଁକି ? ତୁମ ପ୍ରଦତ୍ତ ଉତ୍ତରକୁ ପ୍ରତିପାଦନ କର । (ପାଠ-୨୨ ଦେଖ)

(ଖ) ତୁମ ଅଞ୍ଚଳରେ ପାଣି ଜମା ହୋଇ ରହିବା ପାଇଁ ଚାରି ଗୋଟି ଉପାୟ ଲେଖ, ପାଣି ଜମା ହୋଇ ରହିଲେ କେଉଁ ଚାରି ଗୋଟି ରୋଗ ଜନବସତିରେ ପ୍ରଭାବ ବିସ୍ତାର କରିବାର ସମ୍ଭାବନା ଅଛି, ସେଗୁଡିକର ନାମ ଲେଖ । (ପାଠ-୬, ୭, ୮ ଦେଖ)

୪. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୧୦୦ ରୁ ୧୫୦ ଶବ୍ଦ ମଧ୍ୟରେ ଲେଖ । (୪)

(କ) ତେର ବର୍ଷୀୟ ବାଳିକା ମୀରା ଏବଂ ୧୦ ବର୍ଷୀୟ ବାଳକ ମନୋଜ ଦୁହେଁ ଭାଇଭଉଣୀ ଅଟନ୍ତି । ତାଙ୍କ ସମ୍ବନ୍ଧରେ ନିମ୍ନଲିଖିତ ପ୍ରଶ୍ନର ଉତ୍ତର ଦିଅ । (ପାଠ- ୩, ୪, ୧୭, ୨୧ ଦେଖ)

i. ଦୁହିଁଙ୍କର ଆନୁମାନିକ ଉଚ୍ଚତା ଏବଂ ଓଜନ କେତେ ହେବା ଉଚିତ୍ ।

ii. ଦୁହିଁଙ୍କର ଦାନ୍ତର ବିକାଶ ସମ୍ବନ୍ଧରେ ବିସ୍ତୃତ ଭାବେ ଲେଖ

iii. କେବଳ ମୀରା ପାଖରେ କେଉଁ ଶାରୀରିକ ପରିବର୍ତ୍ତନ ଦେଖା ଯିବାର ସମ୍ଭାବନା ଅଛି ।

iv. କେଉଁ ଚାରି ଗୋଟି ମୂଲ୍ୟବୋଧ ସେମାନଙ୍କର ବିକଶିତ ହେବା ଉଚିତ୍ । ଉତ୍ତର ପ୍ରତିପାଦନ କର ।

(ଖ) ସମୀରା ଗର୍ଭବସ୍ଥାର ଦ୍ୱିତୀୟ ତ୍ରୈମାସ ଅବସ୍ଥାରେ ଅଛି । ଏହି ଅବସ୍ଥାରେ ପ୍ରତ୍ୟେକ ନିମ୍ନଲିଖିତ ସ୍ଥିତି ଅନୁଧ୍ୟାନ କରି କେଉଁ ଦୁଇଗୋଟି ପରାମର୍ଶ ପ୍ରଦାନ କରିବ ।

i. ତାର ଖାଦ୍ୟ ପେୟ

ii. ଡାକ୍ତରୀ ପରାମର୍ଶ

iii. ବିଶ୍ରାମ ଏବଂ ବ୍ୟାୟାମ

iv. ନୂତନ ଆଗନ୍ତୁକ ଶିଶୁ ନିମନ୍ତେ ପ୍ରସ୍ତୁତିକରଣ (ପାଠ-୧୭ ଦେଖ)

୫. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୧୦୦ ରୁ ୧୫୦ ଶବ୍ଦ ମଧ୍ୟରେ ଲେଖ । (୪)

(କ) ନିମ୍ନଲିଖିତ କାର୍ଯ୍ୟ କରିବାର ପ୍ରଣାଳୀ ବିସ୍ତୃତ ଭାବେ ଲେଖ । (ପାଠ-୯, ୧୧ ଦେଖ)

i. ତଉଲିଆର ହସ୍ତଧୌତ ପ୍ରଣାଳୀ

ii. ସିଲକ ଶାଢୀରେ ଲାଗିଥିବା ତରକାରୀ ଦାଗ ଦୂରୀକରଣ

iii. ଧଳା ସୂତା ସାର୍ଟର ଧୋଇବା ଏବଂ ଇସ୍ତ୍ରୀ କରିବା

iv. ବାଇଣ୍ଡିଂ ଏବଂ ମାର୍ବଲିଂ ପଦ୍ଧତିରେ ବସ୍ତ୍ରକୁ ବାନ୍ଧି ରଙ୍ଗ କରିବା ପ୍ରଣାଳୀ

(ଖ) ନିମ୍ନଲିଖିତ କାର୍ଯ୍ୟର ପ୍ରସ୍ତୁତି ପ୍ରଣାଳୀ ବିସ୍ତୃତ ଭାବେ ଲେଖ । (ପାଠ-୧୦, ୧୧ ଦେଖ)

i. ସାଟିନ ବୁଣାଇ କିପରି ପ୍ରସ୍ତୁତ କରିବ

ii. ବସ୍ତ୍ର ଉପରେ ବ୍ଲକ୍ ଛାପା ପ୍ରଣାଳୀ

iii. ସୂତା ପ୍ରସ୍ତୁତି ସମୟରେ ରଙ୍ଗଦେବା ପ୍ରଣାଳୀ

iv. ସୂତା ବୁଣିବା ପ୍ରଣାଳୀ

୬. ନିମ୍ନରେ ଦିଆ ଯାଇଥିବା ପ୍ରକଳ୍ପ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରକଳ୍ପ ପ୍ରସ୍ତୁତ କର । (୬)

(କ) ସପନା ବର୍ତ୍ତମାନ ଯୁକ୍ତ ଦୁଇ ପରୀକ୍ଷା ପାସ୍ କରିଛି । ତାର ବାପା କାରଖାନରେ କାମ କରନ୍ତି ଏବଂ ମା ଗୃହିଣୀ ତା'ର ଦୁଇଟି ଛୋଟ ଭାଇ ଅଷ୍ଟମ ଏବଂ ପଞ୍ଚମରେ ପଢୁଛନ୍ତି । ସପନାକୁ ନିମ୍ନ ପ୍ରଦତ୍ତ ବିଷୟକୁ କାର୍ଯ୍ୟକାରୀ କରାଇବା ଦିଗରେ ସାହାର୍ଯ୍ୟ କର ।

i. ତାର ବାପାଙ୍କୁ ଗୃହରେ ଶୌଚାଳୟ ତିଆରି କରିବା ନିମନ୍ତେ ପ୍ରବର୍ତ୍ତାଅ । (ଆବଶ୍ୟକତା ଲାଭ ତଥା ସଂପ୍ରଦାୟ ଉପରେ ସକାରାତ୍ମକ ପ୍ରଭାବ)

ii. ମାତାଙ୍କଠାରେ ଥିବା କୌଶଳ; ସୂପ ବାନ୍ଧି ରଙ୍ଗ କରିବା ପ୍ରଣାଳୀକୁ ଉତ୍ସାହିତ କର ଯାହାକି ତାଙ୍କୁ ଲାଭ ଦେବ ।

iii. ତାର ଭାଇ ଯିଏକି ଦୀର୍ଘ ଦିନର ଅସୁସ୍ଥତା ଯୋଗୁଁ ସ୍କୁଲ୍ ଯାଇପାରିନି ତାକୁ ଅଷ୍ଟମ ଶ୍ରେଣୀ ପରୀକ୍ଷା ନିମନ୍ତେ ପ୍ରସ୍ତୁତ କର । ( ଆତ୍ମବିଶ୍ୱାସ ବଢାଅ, ସମୟ ପରିଚାଳନା, ପଢ଼ିବାର କୌଶଳ ଶିଖାଅ)

iv. ତାର ଛୋଟ ଭାଇ ଯିଏକି ପ୍ରାୟତଃ ତରଳ ଝାଡାର ଶିକାର, ତା' ପାଇଁ ଏକ ଖାଦ୍ୟ ଖସଡା ପ୍ରସ୍ତୁତ କର (ଆବଶ୍ୟକୀୟ ପୋଷଣ ଏବଂ ଓ.ଆର.ଏସ୍)

(ଖ) ତୁମର ଛୋଟ ଭାଇ ପ୍ରଥମ ଥର ବଜାରକୁ ଯାଇ କ୍ଷୀର, ଅଣ୍ଡା ଏବଂ ପାଉଁରୁଟି ଆଣିବ । ନିମ୍ନ ପ୍ରଦତ୍ତ ସୂଚନା ଅନୁଯାୟୀ ତାକୁ ମାର୍ଗ ପ୍ରଦର୍ଶନ କର ।

i. ଉତ୍ତମ ଗୁଣବର୍ତ୍ତା ସମ୍ପନ୍ନ ଜିନିଷ କିଣିବା ନିମନ୍ତେ କେଉଁ ଚାରି ଗୋଟି ଉପଦେଶ ପ୍ରଦାନ କରିବ ।

ii. ପାଉଁରୁଟି କିଣିଲାବେଳେ ଛାପାରେ ଥିବା କେଉଁ ଆବଶ୍ୟକୀୟ ନିର୍ଦ୍ଦେଶାବଳୀକୁ ତଦାରଖ କରିବା ପାଇଁ ତୁମେ କହିବ ।

iii. ସେହି ସମାନ ନିର୍ଦ୍ଦେଶାବଳୀ କଣ ଏକ ପଙ୍ଖା ବା ଔଷଧ ପ୍ୟାକେଟ୍ ଉପରେ ଥାଇପାରେ କି ? ଉତ୍ତରକୁ ପ୍ରତିପାଦନ କର ।

iv. ତୁମେ ଯଦି ତାକୁ ଦୁଇ ଶହ ଟଙ୍କା ଦେଲ ଏବଂ ଗୋଟିଏ ଲିଟର କ୍ଷୀର ୫୦ ଟଙ୍କା ହିସାବରେ, ଛଅ ଗୋଟି ଅଣ୍ଡା ପାଞ୍ଚ ଟଙ୍କା ହିସାବରେ ଏବଂ ଗୋଟିଏ ପାଉଁରୁଟି ଚାଳିଶ ଟଙ୍କା ହିସାବରେ କିଣିବାକୁ କହିଲ । ତେବେ ସେ ତୁମକୁ କେତେ ଟଙ୍କା ଫେରେଇବ ।

# ମନୋବିଜ୍ଞାନ (୨୨୨)

**PSYCHOLOGY (222)**

## ଶିକ୍ଷକ ଅଙ୍କିତ ମୂଲ୍ୟାଙ୍କନ ପତ୍ର (୨୦୧୯-୨୦)

**TUTOR MARKED ASSIGNMENT (TMA), 2019-20**

ସର୍ବାଧିକ ନମ୍ବର - ୨୦

Max. Marks : 20

ଟିପ୍ପଣୀ : **i.** ପ୍ରତ୍ୟେକ ପ୍ରଶ୍ନର ଉତ୍ତର ବାଧ୍ୟତାମୂଳକ ଅଟେ । ପ୍ରତ୍ୟେକ ପ୍ରଶ୍ନ ପାଇଁ ଉଦ୍ଦିଷ୍ଟ ମୂଲ୍ୟାଙ୍କ ପ୍ରଶ୍ନ ପାଶ୍ୱରେ ଉଲ୍ଲେଖ କରାଯାଇଛି ।

**ii.** ଉତ୍ତର ଖାତାରେ ପ୍ରଥମ ପୃଷ୍ଠାର ଉପର ଭାଗରେ, ତୁମର ନାମ, ପଞ୍ଜିକରଣ ସଂଖ୍ୟା (ଏନରୋଲମେଣ୍ଟ ନମ୍ବର), ଅଧ୍ୟୟନ କେନ୍ଦ୍ରର ନାମ ଏବଂ ବିଷୟର ନାମ ସ୍ପଷ୍ଟ ଭାବରେ ଲେଖ ।

୧. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ଏକ ଉଦାହରଣ ମାଧ୍ୟମରେ ପ୍ରତ୍ୟାସ୍ମରଣ ଓ ପ୍ରତ୍ୟାଭିଜ୍ଞାନ ମଧ୍ୟରେ ପାର୍ଥକ୍ୟ ଦର୍ଶାଅ । (ପାଠ- ୬ ଦେଖ)

(ଖ) ବୃଦ୍ଧାବସ୍ଥାରେ ସମ୍ମୁଖୀନ ହେଉଥିବା ସମସ୍ୟାକୁ ପ୍ରତିହତ କରିବା ପାଇଁ ଯେ କୌଣସି ୪ଟି ସମଯୋଜନ କୌଶଳ ସମ୍ବନ୍ଧରେ ଲେଖ । (ପାଠ-୧୨ ଦେଖ)

୨. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ଆମେ ପ୍ରାୟ ଦେଖୁଛେ କି ୨-୩ ବର୍ଷ ବୟସର ଶିଶୁ କେଉଁଠି ନା କେଉଁଠି ଜିଦି କରନ୍ତି । ଶିଶୁଙ୍କର ଏହି ବ୍ୟବହାରର ବର୍ଣ୍ଣନା ଏକ ଉଦାହରଣ ମାଧ୍ୟମରେ କର । (ପାଠ – ୧୦ ଦେଖ)

(ଖ) ସଂପ୍ରେଷଣର ବିଭିନ୍ନ ପ୍ରକାରର ମାଧ୍ୟମ ସମ୍ବନ୍ଧରେ ଲେଖ । (ପାଠ- ୧୪ ଦେଖ)

୩. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ସ୍ନେହା ତାର ସାଙ୍ଗମାନଙ୍କ ସହ ବାହାରେ ଖେଳିବାକୁ ଚାହୁଁଛି । କିନ୍ତୁ ନିଜ ବାପାଙ୍କ ସହ ସମୟ ମଧ୍ୟ ଅତିବାହିତ କରିବାକୁ ଚାହୁଁଛି ଯିଏ କି ସହର ଠାରୁ ଦୂରରେ । ସେ କେଉଁ ପ୍ରକାରର ଦ୍ୱନ୍ଦର ସମ୍ମୁଖୀନ ହେଉଛି ତାହା ବ୍ୟାଖ୍ୟା କର । (ପାଠ- ୧୮ ଦେଖ)

(ଖ) ସମାନୁବଂଶୀୟ ଓ ସମରୂପ ଗୋଷ୍ଠୀ ମଧ୍ୟରେ ଥିବା ପାର୍ଥକ୍ୟ ଉଦାହରଣ ସହ ବୁଝାଅ । (ପାଠ- ୯ ଦେଖ)

୪. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୧୦୦ ରୁ ୧୫୦ ଶବ୍ଦ ମଧ୍ୟରେ ଲେଖ । (୪)

(କ) ଆଗାମୀ ପରୀକ୍ଷା ପାଇଁ ଆପଣଙ୍କ ସାଙ୍ଗ ଠିକ୍ ଭାବେ ପ୍ରସ୍ତୁତ ହୋଇପାରିନଥିବା କାରଣରୁ ମାନସିକ ଚାପରେ ଅଛି । ତୁମେ କେଉଁ ଚାପ ସମଯୋଜନ ପ୍ରଣାଳୀ ତାକୁ ଚାପ ସହିତ ସମଯୋଜନ କରିବା ପାଇଁ ଉପଦେଶ ଦେବ । (ପାଠ- ୧୮ ଦେଖ)

(ଖ) ଉତ୍ତମ ସ୍ୱାସ୍ଥ୍ୟକୁ ଅବ୍ୟାହତ ରଖିବା ପାଇଁ କେଉଁ ବ୍ୟବହାରଗୁଡ଼ିକ ଗ୍ରହଣ କରିବ ? (ପାଠ- ୧୯ ଦେଖ)

୫. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୧୦୦ ରୁ ୧୫୦ ଶବ୍ଦ ମଧ୍ୟରେ ଲେଖ । (୪)

(କ) ଦଳର ସଭ୍ୟମାନେ କାହିଁକି ନିର୍ଣ୍ଣୟ / ନିଷ୍ପତ୍ତି ନେବା ସମୟରେ ଚରମ ପଦକ୍ଷେପ ଗ୍ରହଣ କରନ୍ତି, ଯାହା ସେମାନେ ଏକାକୀ କରିପାରନ୍ତି ନାହିଁ । ଏହା କାହିଁକି ହୁଏ ? (ପାଠ- ୧୩ ଦେଖ)

(ଖ) ଦଶମ ଶ୍ରେଣୀ ପରେ ନିର୍ଦ୍ଦିଷ୍ଟ ବୃତ୍ତି ବାଛିବା ସମୟରେ ତୁମେ କେଉଁ କେଉଁ ଦିଗ ପ୍ରତି ଧ୍ୟାନ ଦେବ ? (ପାଠ – ୨୦ ଦେଖ)

୬. ନିମ୍ନରେ ଦିଆଯାଇଥିବା ପ୍ରକଳ୍ପ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରକଳ୍ପ ପ୍ରସ୍ତୁତ କର । (୬)

(କ) ଆମ ସ୍ୱାସ୍ଥ୍ୟ ଉପରେ ପ୍ରଦୂଷଣର କି ପ୍ରଭାବ ରହିଛି ଏବଂ ଏହାକୁ କିପରି ନିୟନ୍ତ୍ରଣ କରାଯାଇପାରିବ । ଏହାକୁ ଆଧାର କରି ଏକ ରିପୋର୍ଟ ପ୍ରସ୍ତୁତ କର । (୨୦୦-୩୦୦ ଶବ୍ଦ) । (ପାଠ- ୨୩ ଦେଖ)

(ଖ) ପ୍ରତ୍ୟହ ଯୋଗାଭ୍ୟାସ କରୁଥିବା ଯେକୌଣସି ୫ ଜଣ ବ୍ୟକ୍ତିଙ୍କୁ ସାକ୍ଷାତ କର ଏବଂ ଜାଣିବାକୁ ଚେଷ୍ଟା କର କି ଯୋଗ କିପରି ଉନ୍ନତ ଜୀବନଶୈଳୀ ପ୍ରାପ୍ତ କରିବାରେ ସାହାଯ୍ୟ କରେ । ଏହାକୁ ଆଧାର କରି ୨୦୦-୩୦୦ ଶବ୍ଦ ମଧ୍ୟରେ ଏକ ପ୍ରକଳ୍ପ ପ୍ରସ୍ତୁତ କର । (ପାଠ- ୨୫ ଦେଖ)

# ଭାରତୀୟ ସଂସ୍କୃତି ଓ ଐତିହ୍ୟ (୨୨୩)

**INDIAN CULTURE & HERITAGE (223)**

## ଶିକ୍ଷକ ଅଙ୍କିତ ମୂଲ୍ୟାଙ୍କନ ପତ୍ର (୨୦୧୯-୨୦)

**TUTOR MARKED ASSIGNMENT (TMA), 2019-20**

ସର୍ବାଧିକ ନମ୍ବର - ୨୦

Max. Marks : 20

ଟିପ୍ପଣୀ : i. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ବାଧ୍ୟତାମୂଳକ ଅଟେ । ପ୍ରତ୍ୟେକ ପ୍ରଶ୍ନ ପାଇଁ ଉଦ୍ଦିଷ୍ଟ ମୂଲ୍ୟାଙ୍କ ପ୍ରଶ୍ନ ପାଖରେ ଉଲ୍ଲେଖ କରାଯାଇଛି ।

ii. ଉତ୍ତର ଖାତାରେ ପ୍ରଥମ ପୃଷ୍ଠାର ଉପର ଭାଗରେ, ତୁମର ନାମ, ପଞ୍ଜିକରଣ ସଂଖ୍ୟା (ଏନରୋଲମେଣ୍ଟ ନମ୍ବର), ଅଧ୍ୟୟନ କେନ୍ଦ୍ରର ନାମ ଏବଂ ବିଷୟର ନାମ ସ୍ପଷ୍ଟ ଭାବରେ ଲେଖ ।

୧. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ଇତିହାସର ଶୁଦ୍ଧ ଅଧ୍ୟୟନ କେଉଁ ଦୁଇଟି କଥା ଉପରେ ନିର୍ଭରଶୀଳ ଅଟେ । ଏହାର ବିଶ୍ଳେଷଣ କର ।

(ପାଠ-୩ ଦେଖ)

(ଖ) ପାଣ୍ଡୁଲିପି କଣ ? କେଉଁ କେଉଁ ବିଭିନ୍ନ ବସ୍ତୁ ଉପରେ ପୁରାତନ ପାଣ୍ଡୁଲିପି ଲେଖା ହୋଇଥିବାର ମିଳେ ? ଏହାର ବିଶ୍ଳେଷଣ କର । (ପାଠ-୩ ଦେଖ)

୨. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ହରପ୍ପା ସହର ସଭ୍ୟତାର ଯେକୌଣସି ଦୁଇଟି ଲକ୍ଷଣର ପରୀକ୍ଷା କର । (ପାଠ-୩ ଦେଖ)

(ଖ) ହରପ୍ପା ସଭ୍ୟତା ସମୟରେ ମୁଖ୍ୟ ବ୍ୟବସାୟର ଯେକୌଣସି ଦୁଇଟି ଲକ୍ଷଣର ପରୀକ୍ଷା କର ।

(ପାଠ-୩ ଦେଖ)

୩. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ। (୨)

(କ) ଏହା କିପରି ପ୍ରତିପାଦିତ କରାଯାଇପାରିବ ଯେ, ପଲ୍ଲବମାନେ କଳା ଓ ସ୍ଥାପତ୍ୟ କଳାର ବହୁତ ବଡ ପ୍ରଶଂସକ ଥିଲେ ? (ପାଠ-୩ ଦେଖ)

(ଖ) ଏହା କିପରି ପ୍ରମାଣିତ କରାଯାଇପାରିବ ଯେ, ଚୋଳମାନେ କଳା ଓ ବାସ୍ତୁକଳାର ବହୁତ ବଡ ପ୍ରଶଂସକ ଥିଲେ ? (ପାଠ-୩ ଦେଖ)

୪. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୧୦୦ରୁ ୧୫୦ ଶବ୍ଦ ମଧ୍ୟରେ ଲେଖ। (୪)

(କ) ଦିଲ୍ଲୀ ସୁଲତାନଙ୍କ ଅଧିନସ୍ଥ ଭାରତୀୟ ସମାଜରେ ପୁରୋହିତ ବର୍ଗ, ପୁରବାସୀ, ବେପାର ତଥା ଧର୍ମର ବାତାବରଣରେ କେଉଁ ପରିବର୍ତ୍ତନ ଆସିଥିଲା ? ବିଶ୍ଳେଷଣ କର। (ପାଠ-୪ ଦେଖ)

(ଖ) ଇସଲାମର କୌଣସି ଚାରି ମୁଖ୍ୟ ସିଦ୍ଧାନ୍ତର ବିଶ୍ଳେଷଣ କର। (ପାଠ-୪ ଦେଖ)

୫. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୧୦୦ ରୁ ୧୫୦ ଶବ୍ଦ ମଧ୍ୟରେ ଲେଖ। (୪)

(କ) ଭକ୍ତି ଆନ୍ଦୋଳନ ଲୋକଙ୍କ ମଧ୍ୟରେ କିପରି ଏତେ ଲୋକପ୍ରିୟ ହେଲା ? ନିଜ ଉତ୍ତରର ପୁଷ୍ଟି ପାଇଁ ଯେକୌଣସି ଚାରି ଯୁକ୍ତିର ଉପସ୍ଥାପନ କର। (ପାଠ-୪ ଦେଖ)

(ଖ) ମଧ୍ୟଯୁଗୀୟ ଭାରତରେ ସଂଗୀତ ବିକାଶର ରୂପରେଖ ପ୍ରସ୍ତୁତ କର। ଏହି ସମୟରେ ସଂଗୀତର ଯେଉଁ ବିଭିନ୍ନ ବିଦ୍ୟାଳୟର ଉତ୍ପତ୍ତି ହୋଇଥିଲା, ସେମାନଙ୍କ ବିଷୟରେ ସଂକ୍ଷିପ୍ତରେ ବିବରଣୀ ପ୍ରଦାନ କର।

(ପାଠ-୪ ଦେଖ)

୬. ନିମ୍ନରେ ଦିଆଯାଇଥିବା ପ୍ରକଳ୍ପ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରକଳ୍ପ ପ୍ରସ୍ତୁତ କର। (୬)

(କ) ଯୁଗ ବଦଳିବା ପରେ ମଧ୍ୟ ମହିଳାମାନଙ୍କର ସ୍ଥିତିର କୌଣସି ପରିବର୍ତ୍ତନ ହେଲା ନାହିଁ। କନ୍ୟାମାନଙ୍କ ଜନ୍ମକୁ ଦୁର୍ଭାଗ୍ୟପୂର୍ଣ୍ଣ ବୋଲି ବିଚାର କରାଯାଉଥିଲା। ଝିଅମାନଙ୍କର ବିବାହ ବାଲ୍ୟାବସ୍ଥାରୁ କରି ଦିଆଯାଉଥିଲା। ବହୁପତ୍ନୀ ଗ୍ରହଣ କରିବାର ପ୍ରଥା ପ୍ରଚଳିତ ଥିଲା। ମହିଳାମାନଙ୍କର ନା ସମ୍ପତ୍ତି ଉପରେ ଅଧିକାର ଥିଲା ନା ଛାଡପତ୍ର ଦେବାର ଅଧିକାର ଥିଲା।

i. ଯେକୌଣସି ଚାରି ସାମାଜିକ ଓ ଧାର୍ମିକ ସଂସ୍କାରକଙ୍କୁ ଚିହ୍ନିତ କର ।

ii. ସମାଜରେ ଏମାନଙ୍କ ଅବଦାନ ଉପରେ ଏକ ରିପୋର୍ଟ ପ୍ରସ୍ତୁତ କର ତଥା ଏହାର ଫଳାଫଳ ଉଲ୍ଲେଖ କର ।

iii. ଭାରତରେ ଜାଗରଣ ଆଣିବା ପାଇଁ ସମାଜ ସୁଧାରକଙ୍କର କି ପ୍ରକାରର ଯୋଗଦାନ ଥିଲା ?

(ଖ) ସମ୍ବାଦପତ୍ରମାନେ ଇଂରେଜ ବିରୋଧୀ ଚିନ୍ତାଧାରାକୁ ପ୍ରଚାର କରିବାରେ ମହତ୍ତ୍ୱ ପୂର୍ଣ୍ଣ ଭୂମିକା ଗ୍ରହଣ କରିବା ତଥା ସରକାରଙ୍କ ନୀତି ଉପରେ ତଥା ସାମାଜିକ ଆଉ ଆର୍ଥିକ ବିଷୟ ଉପରେ ମନ୍ତବ୍ୟ ଦେବା ସହ ଜନସାଧାରଣଙ୍କୁ ସରକାରଙ୍କ ବିରୁଦ୍ଧରେ ଠିଆ କରିଦେଲେ । ଛାପାଖାନାମାନେ ଅଖିଳ ଭାରତୀୟ ଚିନ୍ତାଧାରାକୁ ବୃଦ୍ଧି କରିବା ତଥା ଭାରତୀୟଙ୍କୁ ମହତ୍ୱପୂର୍ଣ୍ଣ ରାଜନୈତିକ ଶିକ୍ଷାପ୍ରଦାନ ଭଳି କାର୍ଯ୍ୟ କରିଥିଲେ ।

(ପାଠ – ୪ ଦେଖ)

i. ଜନମତ ପ୍ରଚାର କରିବାରେ ସମ୍ବାଦପତ୍ରଙ୍କ ଭୂମିକାର ଯେକୌଣସି ଦୁଇ କାରଣର ତାଲିକା ପ୍ରସ୍ତୁତ କର ।

ii. ଭାରତର ବିଭିନ୍ନ ରାଜ୍ୟରେ ପ୍ରକାଶିତ ସମ୍ବାଦପତ୍ରମାନଙ୍କର ଏକ ବିବରଣୀ ପ୍ରସ୍ତୁତ କର ।

iii. ଭାରତରେ ଜାଗରଣ ଆଣିବାରେ ସମ୍ବାଦପତ୍ର ମାନଙ୍କର କେଉଁ ପ୍ରକାରର ଯୋଗଦାନ ଥିଲା ।

# ହିସାବରକ୍ଷଣ ଶାସ୍ତ୍ର (୨୨୪)

**ACCOUNTANCY (224)**

**ଶିକ୍ଷକ ଅଙ୍କିତ ମୂଲ୍ୟାଙ୍କନ ପତ୍ର (୨୦୧୯-୨୦)**

**TUTOR MARKED ASSIGNMENT (TMA), 2019-20**

**ସର୍ବାଧିକ ନମ୍ବର - ୨୦**

Max. Marks : 20

ଟିପ୍ପଣୀ : **i.** ପ୍ରତ୍ୟେକ ପ୍ରଶ୍ନର ଉତ୍ତର ବାଧତାମୂଳକ ଅଟେ । ପ୍ରତ୍ୟେକ ପ୍ରଶ୍ନ ପାଇଁ ଉଦ୍ଦିଷ୍ଟ ମୂଲ୍ୟାଙ୍କ ପ୍ରଶ୍ନ ପାଶ୍ୱରେ ଉଲ୍ଲେଖ କରାଯାଇଛି ।

**ii.** ଉତ୍ତର ଖାତାରେ ପ୍ରଥମ ପୃଷ୍ଠାର ଉପର ଭାଗରେ, ତୁମର ନାମ, ପଞ୍ଜିକରଣ ସଂଖ୍ୟା (ଏନରୋଲମେଣ୍ଟ ନମ୍ବର), ଅଧ୍ୟୟନ କେନ୍ଦ୍ରର ନାମ ଏବଂ ବିଷୟର ନାମ ସ୍ପଷ୍ଟ ଭାବରେ ଲେଖ ।

୧. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ହିସାବରକ୍ଷଣ ସମୀକରଣରେ ପୂର୍ବପୈଠ ବୀମାକୁ ତୁମେ କିପରି ଭାବରେ ଦର୍ଶାଇବ ? ଯଦି ୨୮୦୦ ଟଙ୍କା କମିସନ୍ ବାବଦକୁ ପ୍ରାପ୍ତ ହୋଇଛି, ହିସାବରକ୍ଷଣ ସମୀକରଣରେ ତାହାର ପ୍ରଭାବ କ'ଣ ରହିବ ?

(ପାଠ-୪ ଦେଖ)

(ଖ) ନିମ୍ନ ପ୍ରଦତ୍ତ ସୂଚନାରୁ ମେସର୍ସ ଷ୍ଟାନ୍‌ଲେ ଲେଦର ସୁଜ୍, ଅହମ୍ମଦାବାଦଙ୍କ ଦାତା ଚିଠା ପ୍ରସ୍ତୁତ କର ।

| ୨୦୧୫ | ଟଙ୍କା ରେ |
|---|---|
| ଏପ୍ରିଲ୍ ୧୭ରେ କ୍ୟାସ୍ ମେମୋ ନଂ ୫୧୪ରେ ଚମଡ଼ା ବ୍ୟାଗ୍ ନଗଦ ବିକ୍ରି | ୫,୮୦୦ |
| ଏପ୍ରିଲ୍ ୨୪ରେ ତ୍ୟାଗୀ ଆଣ୍ଡ୍ କୋ'ରୁ ନଗଦ ପ୍ରାପ୍ତି ରସିଦ୍ ନଂ ୩୮ରେ ଅର୍ଥ ପ୍ରାପ୍ତି | ୪,୨୦୦ |

(ପାଠ-୫ ଦେଖ)

୨. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ଚାଲୁ ବଣିଜ ଅବଧାରଣା କହିଲେ କ'ଣ ବୁଝ ? (ପାଠ-୨ ଦେଖ)

(ଖ) 'ଉଧାରଦାତା' ଓ 'ସତ୍ତ୍ୱାଧିକାରୀ' ହିସାବରକ୍ଷଣ ତଥ୍ୟ / ସୂଚନାର ବ୍ୟବହାରକାରୀ ବୋଲି ତୁମେ କିପରି ବର୍ଣ୍ଣନା କରିପାରିବ ? (ପାଠ-୧ ଦେଖ)

୩.	ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ବାହ୍ୟ ପରିଦାୟ ଭାବରେ 'ପୁଞ୍ଜି'କୁ ବିବେଚନା କରାଯାଇପାରେ କି ? କାହିଁକି ? (ପାଠ-୩ ଦେଖ)

(ଖ) ଏହି ନେଣଦେଣ କି' ପ୍ରକାର ହିସାବ ଚିହ୍ନଟ କର: ମୁଦ୍ରଣ ଓ ଲିଖନସାମଗ୍ରୀ ବାବଦରେ ୧୨,୫୦୦ ଟଙ୍କା ପ୍ରଦାନ/ପୈଠ କରାଗଲା । (ପାଠ-୫ ଦେଖ)

୪. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୧୦୦ ରୁ ୧୫୦ ଶବ୍ଦ ମଧ୍ୟରେ ଲେଖ । (୪)

(କ) ମି.ଅଖିଲ୍ ଏକ ଦୋକାନ ଆରମ୍ଭ କଲେ । ନିମ୍ନଲିଖିତଗୁଡ଼ିକ ତାଙ୍କ ବ୍ୟାବସାୟିକ ନେଣଦେଣ (ପାଠ-୫ ଦେଖ)

| | |
|---|---|
| ୮ ଜାନୁଆରୀରେ ସାମଗ୍ରୀ କ୍ରୟ | ୨୦,୦୦୦ ଟଙ୍କା |
| ୨୦ ଜାନୁଆରୀରେ ନଗଦ ବିକ୍ରି | ୮୨,୦୦୦ ଟଙ୍କା |
| ୨୧ ଜାନୁଆରୀରେ ବିଦ୍ୟୁତ୍ ବିଲ୍ ପୈଠ | ୩,୫୬୦ ଟଙ୍କା |
| ୨୨ ଜାନୁଆରୀରେ କାର୍ଯ୍ୟାଳୟ ଆସବାବପତ୍ର କ୍ରୟ | ୧୦,୫୦୦ ଟଙ୍କା |

ମି. ଅଖିଲଙ୍କ ପ୍ରତ୍ୟେକ ନେଣଦେଣକୁ ପ୍ରଭାବିତ କରୁଥିବା ହିସାବର ନାମ ଓ ପ୍ରକାର ଉଲ୍ଲେଖ କର ।

(ଖ) ନିମ୍ନଲିଖିତ ତାଲିକାରୁ ପରିସମ୍ପତ୍ତି, ପରିଦାୟ ଓ ପୁଞ୍ଜି ଚିହ୍ନଟ କର: (ପାଠ-୩ ଦେଖ)

ବିବରଣୀ

ପୁଞ୍ଜି

ବ୍ୟାଙ୍କ୍

ଉଧାରଦାତାମାନେ

ପୂର୍ବରୁ ପୈଠ ଭଡ଼ା

ଅକ୍ଷୟ (ଉଧାରଗ୍ରହୀତା)

ହାତ ଟଙ୍କା

ବ୍ୟାଙ୍କ୍ ଅଧିଉଠାଣ

ବକେୟା ବେତନ

୫. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୧୦୦ ରୁ ୧୫୦ ଶବ୍ଦ ମଧ୍ୟରେ ଲେଖ । (୪)

(କ) ନିମ୍ନ ପ୍ରଦତ୍ତ ବିବରଣୀକୁ ଆଗମ ଓ ବ୍ୟୟରେ ବିଭକ୍ତ କର । (ପାଠ-୩ ଦେଖ)

ବିକ୍ରୟ

ଆଗମ

ଟେଲିଫୋନ୍ ଭଡ଼ା

ଲିଖନ ସାମଗ୍ରୀ

ବେତନ

ସୁଧ ପ୍ରଦାନ

କମିସନ୍ ପ୍ରାପ୍ତି

ଡିଭିଡେଣ୍ଡ୍(ଲାଭାଂଶ) ପ୍ରାପ୍ତି

(ଖ) ଏକ ହିସାବରକ୍ଷଣ ଅବଧାରଣା ଅନୁସାରେ ସମସ୍ତ ବ୍ୟାବସାୟିକ ନେଣଦେଣ ଅର୍ଥ ଆକାରରେ ଉଲ୍ଲେଖ କରାଯିବା ଉଚିତ୍ । ସେହି ଅବଧାରଣାର ମହତ୍ତ୍ୱ କ'ଣ ? (ପାଠ-୨ ଦେଖ)

୬. ନିମ୍ନରେ ଦିଆଯାଇଥିବା ପ୍ରକଳ୍ପ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରକଳ୍ପ ପ୍ରସ୍ତୁତ କର । (୬)

(କ) ନିକଟସ୍ଥ ଯେକୌଣସି ବ୍ୟବସାୟ ସଂସ୍ଥାକୁ ପରିଦର୍ଶନ କର ଏବଂ ସେହି ସଂସ୍ଥାରେ କିପରି ଭାବରେ ' ଦ୍ୱୈତ ଆଭିମୁଖ୍ୟ ଅବଧାରଣା' ଅନୁସୃତ ହେଉଛି ଏକ ରିପୋର୍ଟ (ପ୍ରତିବେଦନ) ପ୍ରସ୍ତୁତ କର । ଅତି କମ୍‌ରେ ୮ଟି ନେଣଦେଣର ସମୀକ୍ଷା ହେବା ଆବଶ୍ୟକ । (ପାଠ-୪ ଦେଖ)

(ଖ) ଯେକୌଣସି ଦୋକାନକୁ ଯାଅ । ହିସାବରକ୍ଷଣ କିପରି ବିଭିନ୍ନ ଭାବରେ ସେହି ସଂଗଠନକୁ ସାହାଯ୍ୟ କରୁଛି ତାହାର ଏକ ରିପୋର୍ଟ ପ୍ରସ୍ତୁତ କର । (୬ଟି ଲାଭ/ଉପାଦେୟତାର ସବିଶେଷ ତଥ୍ୟ ଆବଶ୍ୟକ) (ପାଠ-୧ ଦେଖ)

# ଚିତ୍ରକଳା (୨୨୫)

## PAINTING (225)

## ଶିକ୍ଷକ ଅଙ୍କିତ ମୂଲ୍ୟାଙ୍କନ ପତ୍ର (୨୦୧୯-୨୦)

## TUTOR MARKED ASSIGNMENT (TMA), 2019-20

ସର୍ବାଧିକ ନମ୍ବର - ୨୦

Max. Marks : 20

ଟିପ୍ପଣୀ : i. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ବାଧ୍ୟତାମୂଳକ ଅଟେ । ପ୍ରତ୍ୟେକ ପ୍ରଶ୍ନ ପାଇଁ ଉଦ୍ଦିଷ୍ଟ ମୂଲ୍ୟାଙ୍କ ପ୍ରଶ୍ନ ପାର୍ଶ୍ୱରେ ଉଲ୍ଲେଖ କରାଯାଇଛି ।

ii. ଉତ୍ତର ଖାତାରେ ପ୍ରଥମ ପୃଷ୍ଠାର ଉପର ଭାଗରେ, ତୁମର ନାମ, ପଞ୍ଜିକରଣ ସଂଖ୍ୟା (ଏନରୋଲମେଣ୍ଟ ନମ୍ବର), ଅଧ୍ୟୟନ କେନ୍ଦ୍ରର ନାମ ଏବଂ ବିଷୟର ନାମ ସ୍ପଷ୍ଟ ଭାବରେ ଲେଖ ।

୧. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ରୁ ୬୦ ଗୋଟି ଶବ୍ଦ ମଧ୍ୟରେ ଦିଅ । (୨)

(କ) ପ୍ରଭାବବାଦ କ'ଣ ଅଟେ ? ପ୍ରଭାବବାଦର ଚାରିଜଣ ପ୍ରମୁଖ କଳାକାରଙ୍କର ନାମ ଲେଖ ।
(ପାଠ -୬ ଦେଖ)

(ଖ) ମୋନେ ତାଙ୍କର ଚିତ୍ର "ଜଳ କଇଁ "ରେ କାହା ଉପରେ ଅଧିକ ପ୍ରାଧାନ୍ୟ ଦେଉଥିଲେ ?
(ପାଠ -୬ ଦେଖ)

୨. ନିମ୍ନଲିଖିତ ପ୍ରଶ୍ନ ମଧ୍ୟରୁ ଯେକୌଣସି ଗୋଟିଏର ଉତ୍ତର ୪୦-୬୦ ଗୋଟି ଶବ୍ଦ ମଧ୍ୟରେ ଦିଅ । (୨)

(କ) "ଜଳକଇଁ" ଛବିର ତିନି ଗୁରୁତ୍ୱପୂର୍ଣ୍ଣ ବିଶେଷତ୍ୱ ଗୁଡ଼ିକ ଲେଖ । ( ପାଠ -୬ ଦେଖ)

(ଖ) କଳାକାର ଅଗଷ୍ଟେଙ୍କର ଏକ କଳାକୃତି ବିଷୟରେ ଲେଖ । ସେ ସେହି କଳାକୃତି ମାଧ୍ୟମରେ କ'ଣ ସନ୍ଦେଶ ଦେବାକୁ ଚାହୁଁଥିଲେ ? ( ପାଠ -୬ ଦେଖ)

୩. ନିମ୍ନଲିଖିତ ଦୁଇଟି ପ୍ରଶ୍ନ ମଧ୍ୟରୁ ଯେକୌଣସି ଗୋଟିଏର ଉତ୍ତର ୪୦-୬୦ ଗୋଟି ଶବ୍ଦ ମଧ୍ୟରେ ଦିଅ । (୨)

(କ) ଏଦ୍‌ଗାର ଡେଗାଙ୍କ ବିଷୟରେ ଦୁଇ ଧାଡ଼ି ଲେଖ ଏବଂ ତାଙ୍କର ଏକ କଳାକୃତିର ଚିତ୍ର ଲଗାଇ ତାର ନାମ ଲେଖ । ( ପାଠ -୬ ଦେଖ)

(ଖ) ଡେଗାଙ୍କର ଚିତ୍ରର ଚାରି ପ୍ରମୁଖ ବିଶେଷତ୍ୱ ଲେଖ । ( ପାଠ -୬ ଦେଖ)

୪. ନିମ୍ନଲିଖିତ ଦୁଇଟି ପ୍ରଶ୍ନ ମଧ୍ୟରୁ ଯେକୌଣସି ଗୋଟିଏର ଉତ୍ତର ୧୨୦-୧୫୦ ଗୋଟି ଶବ୍ଦ ମଧ୍ୟରେ ଦିଅ । (୪)

(କ) କିଏ ଘନବାଦର ଜନକ ଅଟନ୍ତି ଏବଂ କାହିଁକି ? ପ୍ରତିପାଦନ କର । (ପାଠ -୭ ଦେଖ)

(ଖ) ସେଜାଁଙ୍କ ଚିତ୍ରର ଶୈଳୀ ବର୍ଣ୍ଣନା କର ଏବଂ ତାଙ୍କର କଳା ଜଗତ ପାଇଁ ଥିବା ଅବଦାନ ଉଲ୍ଲେଖ କର । (ପାଠ -୭ ଦେଖ)

୫. ନିମ୍ନଲିଖିତ ଦୁଇଟି ପ୍ରଶ୍ନ ମଧ୍ୟରୁ ଯେକୌଣସି ଗୋଟିଏର ଉତ୍ତର ୧୦୦-୧୫୦ ଗୋଟି ଶବ୍ଦ ମଧ୍ୟରେ ଦିଅ । (୪)

(କ) ଭ୍ୟାନ୍ ଗୋ ତାଙ୍କର ଚିତ୍ର 'ଷ୍ଟାରୀ ନାଇଟ୍ 'ରେ ଆକାଶକୁ କିପରି ପ୍ରଦର୍ଶିତ କରିଛନ୍ତି ? (ପାଠ -୬ ଦେଖ)

(ଖ) ଭାରତୀୟ ସମସାମୟିକ କଳାର ଅଗ୍ରଣୀ ଚାରିଜଣ କଳାକାରଙ୍କର ନାମ ଏବଂ ସେମାନଙ୍କର କଳା ଜଗତରେ ଥିବା ଭୂମିକା ଉଲ୍ଲେଖ କର । (ପାଠ -୯ ଦେଖ)

୬. ନିମ୍ନରେ ଦିଆଯାଇଥିବା ଦୁଇଟି ପ୍ରକଳ୍ପ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରସ୍ତୁତ କର । (୬)

(କ) ଡ୍ରଇଁ ଏବଂ ଚିତ୍ରଣରେ ବ୍ୟବହାର କରାଯାଉଥିବା ବିଭିନ୍ନ ପ୍ରକାର ଉପକରଣ ଓ ସାମଗ୍ରୀ ଗୁଡ଼ିକର ନାମ ଲେଖ । ଏହି ସମ୍ବନ୍ଧୀୟ ଛବିଗୁଡ଼ିକୁ ଅଙ୍କନ କର କିମ୍ବା କାଟି ଲଗାଅ ।

(ଖ) ମନୁଷ୍ୟକୃତ ଏବଂ ପ୍ରାକୃତିକ ବସ୍ତୁଗୁଡ଼ିକ ମଧ୍ୟରେ ପ୍ରଭେଦ କ'ଣ ଅଟେ ? ଅତି କମ୍‌ରେ ଦୁଇଟି ଲେଖାଏଁ ମନୁଷ୍ୟକୃତ ଏବଂ ପ୍ରାକୃତିକ ବସ୍ତୁ ଗୁଡ଼ିକୁ ଅଙ୍କନ କର ।

# ତଥ୍ୟ ନିବେଶ ପ୍ରକ୍ରିୟା (୨୨୯)

## DATA ENTRY OPERATIONS (229)

## ଶିକ୍ଷକ ଅଙ୍କିତ ମୂଲ୍ୟାଙ୍କନ ପତ୍ର (୨୦୧୯-୨୦)

## TUTOR MARKED ASSIGNMENT (TMA), 2019-20

ସର୍ବାଧିକ ନମ୍ବର - ୨୦

Max. Marks : 20

ଟିପ୍ପଣୀ : i. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ବାଧ୍ୟତାମୂଳକ ଅଟେ । ପ୍ରତ୍ୟେକ ପ୍ରଶ୍ନ ପାଇଁ ଉଦ୍ଦିଷ୍ଟ ମୂଲ୍ୟାଙ୍କ ପ୍ରଶ୍ନ ପାଶ୍ୱରେ ଉଲ୍ଲେଖ କରାଯାଇଛି ।

ii. ଉତ୍ତର ଖାତାରେ ପ୍ରଥମ ପୃଷ୍ଠାର ଉପର ଭାଗରେ, ତୁମର ନାମ, ପଞ୍ଜିକରଣ ସଂଖ୍ୟା (ଏନରୋଲମେଣ୍ଟ ନମ୍ବର), ଅଧ୍ୟୟନ କେନ୍ଦ୍ରର ନାମ ଏବଂ ବିଷୟର ନାମ ସ୍ୱଷ୍ଟ ଭାବରେ ଲେଖ ।

୧. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ଉଚ୍ଚ ସ୍ତର ଓ ନିମ୍ନ ସ୍ତର ଭାଷା ମଧ୍ୟରେ ପାର୍ଥକ୍ୟ ଦର୍ଶାଅ । (ପାଠ- ୧ ଦେଖ)

(ଖ) ସଂକଳକ ଓ ବ୍ୟାଖ୍ୟାକାର ମଧ୍ୟରେ ପାର୍ଥକ୍ୟ ଦର୍ଶାଅ । (ପାଠ- ୨ ଦେଖ)

୨. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ଜୁବେଦା ନିଜ କମ୍ପ୍ୟୁଟରରେ ମୁଦ୍ରଣର ସଫ୍ଟୱେର ସଂସ୍ଥାପନ କରିବାକୁ ଚହୁଁଛି । ସେ ନିଜ କାର୍ଯ୍ୟ ସମ୍ପନ୍ନ କରିବା ପାଇଁ ସୋପାନ ମାଧ୍ୟମରେ ଉଲ୍ଲେଖ କର । (ପାଠ- ୨ ଦେଖ)

(ଖ) ନିମିଷ୍ କମ୍ପ୍ୟୁଟର ମାଧ୍ୟମରେ ଇଣ୍ଟରନେଟ ବ୍ୟବହାର କରି ଏକ ପ୍ରୋଗ୍ରାମିଙ୍ଗ ସଫ୍ଟୱେର ଡାଉନଲୋଡ କରିଛି । ଉକ୍ତ ସଫ୍ଟୱେରକୁ ତା କମ୍ପ୍ୟୁଟରରେ ସଂସ୍ଥାପନ କରିବା ପାଇଁ ସୋପାନ ଗୁଡିକ ଲେଖ । (ପାଠ- ୨ ଦେଖ)

୩. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) i. ବନାନ ଓ ବ୍ୟାକରଣ –

ii. ଲେଖାସ୍ଥାନ କାଟିବା –

iii. ପୁନଃସ୍ଥାପନ -

iv. ଓଲଟାଇ ଦେବା –

(ଖ) ନିମ୍ନଲିଖିତ ପ୍ରଶ୍ନର ସର୍ଟକଟ୍ କି ଲେଖ ।

i. ପେଷ୍ଟ କରିବା ପାଇଁ

ii. ଡକ୍ୟୁମେଣ୍ଟର ଶୀର୍ଷକୁ / ଆରମ୍ଭକୁ ଯିବା ପାଇଁ

iii. ପରକାମ ରିଡୁ

iv. ପୂରା ଡକ୍ୟୁମେଣ୍ଟକୁ ଚୟନ କରିବା ପାଇଁ

୪. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୧୦୦ ରୁ ୧୫୦ ଶବ୍ଦ ମଧ୍ୟରେ ଲେଖ । (୪)

(କ) ସ୍ପ୍ରେଡସିଟର ନିମ୍ନଲିଖିତ ବୈଶିଷ୍ଟ୍ୟ ଲେଖ ।

i. ଉଚ୍ଚ ସର୍ତ୍ତଯୁକ୍ତ ସଜ୍ଜିକରଣ

ii. ଫ୍ରିଜ୍ ପ୍ୟାନ୍ସ

(ଖ) ସ୍ପ୍ରେଡ୍ସିଟ୍ର ନିମ୍ନଲିଖିତ ବୈଶିଷ୍ଟ୍ୟ ଲେଖ ।

i. ଅଟୋ ଫର୍ମାଟର ବୈଶିଷ୍ଟ୍ୟ

ii. ଅଟୋ ସମ୍ ର ବୈଶିଷ୍ଟ୍ୟ

୫. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୧୦୦ ରୁ ୧୫୦ ଶବ୍ଦ ମଧ୍ୟରେ ଲେଖ । (୪)

(କ) ସ୍ଲାଇଡ ସର୍ଟର ଭିୟୁ ଓ ସ୍ଲାଇଡ ସୋ ଭିୟୁ ମଧ୍ୟରେ ପାର୍ଥକ୍ୟ ଲେଖ ଏବଂ ସମ୍ପୂର୍ଣ୍ଣ ବର୍ଣ୍ଣନା କର ।

(ପାଠ – ୯ ଦେଖ)

(ଖ) MS Excel 2007 ରେ ସ୍ମାର୍ଟ ଆର୍ଟ ଗ୍ରାଫିକର ବୈଶିଷ୍ଟ୍ୟ ଲେଖ । (ପାଠ- ୬ ଓ ୭ ଦେଖ)

୬. ନିମ୍ନରେ ଦିଆଯାଇଥିବା ପ୍ରକଳ୍ପ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରକଳ୍ପ ୫୦୦ ଶବ୍ଦ ମଧ୍ୟରେ ପ୍ରସ୍ତୁତ କର । (୬)

(କ) ତୁମେ ଏକ ସୌନ୍ଦର୍ଯ୍ୟ ପ୍ରସାଧନ ସାମଗ୍ରୀ ଯଥା- ସାବୁନ, ଦେହଲଗା ସୁଗନ୍ଧ ଚୂର୍ଣ୍ଣ, ମଏଶ୍ଚରାଇଜର, ଦୁର୍ଗନ୍ଧ ନିବାରଣ ଓ ଫେସ ପ୍ୟାକ୍ କଂପାନୀର ପରିଚାଳକ ଅଟ । Excel work sheet ରେ ଏକ ବିକ୍ରୟ ବିଶ୍ଳେଷଣ ପ୍ରସ୍ତୁତ କର ଏବଂ ସେହି ଆଧାରରେ କଂପାନୀର ଲାଭଦାୟକ ଦ୍ରବ୍ୟଗୁଡିକୁ ଉପସ୍ଥାପନ କରିବା ପାଇଁ ଏକ presentation ପ୍ରସ୍ତୁତ କର ।

(ଖ) ବନ୍ୟା ବିପନ୍ନଙ୍କୁ ସାହାଯ୍ୟ କରିବା ପାଇଁ, ଏକ NGO ତୁମ ସହରର ବିଭିନ୍ନ ପ୍ରାନ୍ତରରୁ ଦାନ ସଂଗ୍ରହ କରୁଛି । ବିଭିନ୍ନ ଦ୍ରବ୍ୟ ଯଥା ଖେଳଣା, କମ୍ବଳ, ପତଳା ଚାଦର, ପୋଷାକ, ଯୋତା / ଚପଲ, ଖାଦ୍ୟ ପଦାର୍ଥ (ବିସ୍କୁଟ, ଚକୋଲେଟ୍, ପାଉଁରୁଟି) ସଂଗହ କରାଯାଉଛି । ବିଭିନ୍ନ ଅଂଚଳରୁ ସଂଗୃହୀତ ଦ୍ରବ୍ୟଗୁଡିକୁ ଏକ ସ୍ପ୍ରେଡସିଟ୍ (spread sheet) ରେ ଦର୍ଶାଅ । ଏକ ଚାର୍ଟ ମାଧ୍ୟମରେ ସଂଗୃହୀତ ଦ୍ରବ୍ୟଗୁଡିକୁ ବିଶ୍ଳେଷଣ କରି ପ୍ରସ୍ତୁତ କର ।

(ପାଠ- ୬, ୭, ୮ ଓ ୯ ଦେଖ) ।

# ଓଡିଆ (୨୩୩)

## ODIA (233)

## ଶିକ୍ଷକ ଅଙ୍କିତ ମୂଲ୍ୟାଙ୍କନ ପତ୍ର (୨୦୧୯-୨୦)

## TUTOR MARKED ASSIGNMENT (TMA), 2019-20

ସର୍ବାଧିକ ନମ୍ବର - ୨୦

Max. Marks : 20

ଟିପ୍ପଣୀ : i. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ବାଧ୍ୟତାମୂଳକ ଅଟେ । ପ୍ରତ୍ୟେକ ପ୍ରଶ୍ନ ପାଇଁ ଉଦ୍ଦିଷ୍ଟ ମୂଲ୍ୟାଙ୍କ ପ୍ରଶ୍ନ ପାର୍ଶ୍ୱରେ ଉଲ୍ଲେଖ କରାଯାଇଛି ।

ii. ଉତ୍ତର ଖାତାରେ ପ୍ରଥମ ପୃଷ୍ଠାର ଉପର ଭାଗରେ, ତୁମର ନାମ, ପଞ୍ଜିକରଣ ସଂଖ୍ୟା (ଏନରୋଲମେଣ୍ଟ ନମ୍ବର), ଅଧ୍ୟୟନ କେନ୍ଦ୍ରର ନାମ ଏବଂ ବିଷୟର ନାମ ସ୍ୱଷ୍ଟ ଭାବରେ ଲେଖ ।

୧. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ଗ୍ରାମ୍ୟ ସମସ୍ୟା ସମାଧାନରେ ଗାଁ ଟାଉଟରମାନେ ଫାଇଦା ଉଠାନ୍ତି ଓ ସର୍ବସାଧାରଣ ଶୋଷଣର ଶିକାର ହୁଅନ୍ତି - ନିଜ ଅନୁଭୂତିକୁ ନେଇ ଲେଖ । (ପାଠ – ୧୭ ଦେଖ)

(ଖ) ନିଜ ଆଚରଣରେ ଶାନ୍ତି ସମ୍ଭବ ହେଲେ ବାତାବରଣ ଶାନ୍ତ ରହେ । ଏଥିପାଇଁ ମନକୁ ନିୟନ୍ତ୍ରଣ ଭିତରେ ରଖିବା ଦରକାର । ଏ ସଂପର୍କରେ ଯେକୌଣସି ଏକ ଗଳ୍ପ ଉପସ୍ଥାପନ କର । (ପାଠ – ୪ ଦେଖ)

୨. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ନିଜ ପୁଅର ପାଟି ଭିତରେ ବ୍ରହ୍ମାଣ୍ଡକୁ ଦେଖି ଡରିଯାଇଥିବା ମାଆର ମନର ଅବସ୍ଥା ନିଜ ଭାଷାରେ ଲେଖ । (ପାଠ- ୫ ଦେଖ)

(ଖ) କେହି କିଛି କରନ୍ତି ନାହିଁ । ଯାହା ଭାଗ୍ୟରେ ଥାଏ ତାହା ହିଁ ଘଟେ । ସତ୍ୟତା ବିଚାର କର ।(ପାଠ – ୨ ଦେଖ)

୩. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) କେବଳ ପିତାମାତା ହିଁ ପୁତ୍ରର ଶୁଭ ଚିନ୍ତକ । ଏକଥା ବୁଝି ନପାରିଲେ କେବଳ ଅନୁତାପ କରିବା ହିଁ ସାର ହୁଏ । ନିଜ ଅଭିଜ୍ଞତାରୁ ପ୍ରକାଶ କର । (ପାଠ- ୨୪ ଦେଖ)

(ଖ) ପାଣ୍ଡବମାନଙ୍କ ମଧ୍ୟରୁ ଏକମାତ୍ର ଯୁଧିଷ୍ଠିର ସଦେହରେ ସ୍ୱର୍ଗକୁ ଯାଇଥିଲେ । ତାଙ୍କ ଧର୍ମ ବଳ ସଂପର୍କରେ ଯାହା ଜାଣ ଲେଖ । (ପାଠ- ୨୪ ଦେଖ)

୪. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୧୦୦ ରୁ ୧୫୦ ଶବ୍ଦ ମଧ୍ୟରେ ଲେଖ । (୪)

(କ) ଭାରତର ସ୍ୱାଧୀନତା ପାଇଁ ଅନେକ ଭାରତୀୟ ପ୍ରାଣବଳୀ ଦେଇଥିଲେ । ଦେଶ ପାଇଁ ସହିଦ ହୋଇଥିବା ଯେକୌଣସି ଭାରତୀୟଙ୍କ ସଂପର୍କରେ ଯାହା ଜାଣ ଲେଖ । (ପାଠ- ୧ ଦେଖ)

(ଖ) 'ଅନ୍ଧବିଶ୍ୱାସ' ଯେ କେତେ କ୍ଷତିକାରକ ଏ ସଂପର୍କରେ ଏକ କାହାଣୀ ଲେଖ । (ପାଠ- ୧୮ ଦେଖ)

୫. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୧୦୦ ରୁ ୧୫୦ ଶବ୍ଦ ମଧ୍ୟରେ ଲେଖ । (୪)

(କ) ଶିକ୍ଷାଦୀକ୍ଷା ବା ଆଦର୍ଶର ଅର୍ଥ ଭୋକ ପାଖରେ ନାହିଁ । ଭୋକିଲା ଲୋକର ଯାତନା ନିଜ ଭାଷାରେ ଲେଖ । (ପାଠ- ୮ ଦେଖ)

(ଖ) ସବୁ କଥା ଖୋଲାଖୋଲି କହି ହୁଏ ନାହିଁ । ଯାହା କହି ହୁଏ ନାହିଁ ତାହା ଆପଣା ମଣିଷକୁ ଲେଖି ଜଣାଇ ଦେଇ ହୁଏ । ଆପଣା ଅକୁହା କଥା ବଖାଣି ନିଜ ଲୋକଙ୍କୁ ଚିଠି ଟିଏ ଲେଖ । (ପାଠ – ୧୩ ଦେଖ)

୬. ନିମ୍ନୋକ୍ତ ଦିଆଯାଇଥିବା ପ୍ରବନ୍ଧ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରବନ୍ଧ ୫୦୦ ଶବ୍ଦ ମଧ୍ୟରେ ପ୍ରସ୍ତୁତ କର । (୬)

(କ) ମୋବାଇଲର ସଦୁପଯୋଗ ଓ ଦୁରୁପଯୋଗ ସଂପର୍କରେ ଏକ ପ୍ରବନ୍ଧ ପ୍ରସ୍ତୁତ କର । (ପାଠ- ୨୫ ଦେଖ)

(ଖ) ଆମ ଏଠି ମନ୍ଦିର ବେଶି ଓ ଭକ୍ତ ନାହାନ୍ତି ? ଏସଂପର୍କରେ ଏକ ପ୍ରବନ୍ଧ ପ୍ରସ୍ତୁତ କର । (ପାଠ – ୨୩ ଦେଖ)